ଧରିତ୍ରୀ
DHARITRI

February 8-14, 2026 ₹2/-

ଧରିତ୍ରୀ DHARITRI 52 Years

# ଛୁଟିଦିନ



# ଭାଇରାଲ୍ ବିବାହ

୩
ପ୍ରଚ୍ଛଦ ପ୍ରସଙ୍ଗ



ଏମାନେ ଖୁବ୍ ଧନୀ ନୁହନ୍ତି କି ଏମାନଙ୍କ ବିବାହରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇନି। ତଥାପି ଏମାନଙ୍କ ବିବାହକୁ ନେଇ ବେଶ୍ ଚର୍ଚ୍ଚା ହେବା ସହ ଭାଇରାଲ୍ ହୋଇଛି ସୋସିଆଲ ମିଡ଼ିଆରେ...

## ଭାଲେଣ୍ଟାଇନ୍ସ ଡେ'ରେ କ'ଣ ଉପହାର ଦେବେ

**ବାସ୍ତୁଶାସ୍ତ୍ର ଅନୁଯାୟୀ ଭାଲେଣ୍ଟାଇନ୍ସ ଡେ'ରେ ଏମିତି କିଛି ଉପହାର ସାଥୀକୁ ଦିଅନ୍ତୁ; ଯାହା ତାଙ୍କୁ ଖୁସି ଦେବା ସହ ତାଙ୍କ ଜୀବନରେ ସୁଖ, ସମୃଦ୍ଧି ବି ଆଣିଦେଉଥିବ...**



* ହାର୍ଟ ଶେପ୍‌ର ଚକୋଲେଟ୍ ବକ୍ସ ଭାଲେଣ୍ଟାଇନ୍ସ ଡେ'ରେ ସାଥୀକୁ ଦେବା ପାଇଁ ସବୁଠୁ ଶୁଭ ଓ ଲୋକପ୍ରିୟ ଉପହାର ହୋଇଥାଏ। * ନାଲି ଗୋଲାପ ଅତୁଟ ପ୍ରେମର ପ୍ରତୀକ ହୋଇଥିବା ବେଳେ ହ୍ୱାଇଟ୍ ଲିଲି ପବିତ୍ରତା ଓ ନିଛକ ପ୍ରେମର ପ୍ରତୀକ ହୋଇଥାଏ। ତେଣୁ ଏହି ଦୁଇ ପ୍ରକାରର ଫୁଲ ସାଥୀକୁ ଉପହାର ସ୍ୱରୂପ ଦେଇ ସମ୍ପର୍କକୁ ଆହୁରି ନିବିଡ଼ କରିପାରିବେ। * ରୁପାର ସମ୍ପର୍କ ଚନ୍ଦ୍ରମା ସହିତ ରହୁଥିବାରୁ ଏହା ଜୀବନରେ ଶୀତଳତା ଓ ପ୍ରେମକୁ ବଢ଼ାଇଥାଏ। ଭାଲେଣ୍ଟାଇନ୍ସ ଡେ'ରେ ସାଥୀକୁ ରୁପାର ପେଣ୍ଡେଣ୍ଟ, ରୁପାର କଡ଼ା ଅଥବା କଏନ୍ ଉପହାରରେ ଦେଇ ସମ୍ପର୍କକୁ ଦୀର୍ଘସ୍ଥାୟୀ କରିପାରିବେ। * ନାଲି ରଙ୍ଗକୁ ଉର୍ଜା, ପ୍ରେମ ଓ ସୌଭାଗ୍ୟର ପ୍ରତୀକ କୁହାଯାଏ। ଭାଲେଣ୍ଟାଇନ୍ସ ଡେ'ରେ ସାଥୀକୁ ନାଲି ରଙ୍ଗର ବସ୍ତ୍ର ହେଉକି ଶାଲ୍ ଅଥବା ଦୁପଟ୍ଟା ଗିଫ୍ଟ କରି ପ୍ରେମକୁ ଆହୁରି ମଜଭୁତ କରିପାରିବେ। * ସୁଗନ୍ଧିତ ଜିନିଷ ଘରେ ସକାରାତ୍ମକ ଉର୍ଜାକୁ ଆକର୍ଷିତ କରେ। ଗୋଲାପ ହେଉକି ଲାଭେଣ୍ଡର ଅଥବା ଚନ୍ଦନ ବାସ୍ନାଯୁକ୍ତ ମହମବତି ଅବା ଅଗରବତିକୁ ଏହି ଦିନେ ସାଥୀକୁ ଉପହାର ଦିଆଯାଇପାରେ। * ରାଧା-କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ହେଉ କି ସ୍ଫଟିକ୍ କଇଁଛ ଅବା ଲଡ୍ଡୁ ଗୋପାଳଙ୍କ ମୂର୍ତ୍ତିକୁ ବି ଏହି ଦିନେ ଉପହାରରେ ଦେବା ଶୁଭ। * ତୁଳସୀ ଗଛକୁ ପବିତ୍ର ଓ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ଭାଲେଣ୍ଟାଇନ୍ସ ଡେ'ରେ ସାଥୀକୁ ପବିତ୍ର ମନରେ ତୁଳସୀ ଗଛଟିଏ ଉପହାର ଦେଲେ ସମ୍ପର୍କ ସ୍ଥାୟିତ୍ୱ ହୁଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୮-୧୪, ୨୦୨୬

**ମେଷ**
ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ଅଭିମାନ, ଅଭିଳାଷ ପୂରଣ ହେବ, ଯାତ୍ରାରେ ସଫଳତା, ସାହିତ୍ୟ କୃତିରୁ ସମ୍ମାନ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ପ୍ରକାଶନରେ ବିଳମ୍ବ, ମୂଲ୍ୟବାନ୍ ଜିନିଷ କ୍ରୟ, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ସନ୍ତାନଙ୍କ କୃତିତ୍ୱରୁ ଗୌରବ ॥

**ବୃଷ**
ବିବାଦର ସମାଧାନ, ମୂଲ୍ୟବାନ ଦ୍ରବ୍ୟ ଲାଭ, କାମରେ ନିରୁତ୍ସାହ, ନୂତନବନ୍ଧୁତା ସ୍ଥାପନ, ମନୋରଞ୍ଜନର ମଉକା, ଦୂରଯାତ୍ରାର ଯୋଜନା, ବନ୍ଧୁଙ୍କ ସହଯୋଗ, ସମସ୍ୟା ସମାଧାନ, ସହକର୍ମୀଙ୍କ ଉଦାରତା, ପାରିବାରିକ ସଦିଚ୍ଛା ॥

**ମିଥୁନ**
ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ସହାନୁଭୂତି, ଭ୍ରାତୃସମ୍ପର୍କରେ ଉନ୍ନତି, ସହକର୍ମୀଙ୍କ ଅସହଯୋଗ, ଗୃହସୀମା ବିବାଦ, ସନ୍ତାନଙ୍କ ବିଶୃଙ୍ଖଳା, ତିର୍ଥାଟନର ସୁଯୋଗ ମିଳିବ, ପାରିବାରିକ ମତାନ୍ତର, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ଆନୁଷ୍ଠାନିକ ସମ୍ମାନ, ଦ୍ୱନ୍ଦ୍ୱ ଅପସରିଯିବ ॥

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଅନଟନ, ପଡୋଶୀଙ୍କ ପ୍ରତିବାଦ, ବନ୍ଧୁଙ୍କ ସହାନୁଭୂତି, କଳାପ୍ରିୟ ହେବେ, ପଥପ୍ରାନ୍ତେ ନୂତନ ସମ୍ପର୍କ ସୃଷ୍ଟି ହେବ, ନୂତନ କର୍ମାରମ୍ଭ, ବ୍ୟବସାୟିକ ସଫଳତା, କଚେରୀ ମାମଲାରୁ ଦୁଃଶ୍ଚିନ୍ତା, ସ୍ଥାନାନ୍ତର ଘଟିପାରେ ॥

**ସିଂହ**
ଆାରୋଗ୍ୟ ଲାଭରୁ ଆଶ୍ୱସ୍ତି, ଅପ୍ରିୟ ଭାଷଣରୁ କଳହ, ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି, ଦୂରଯାତ୍ରାର ଯୋଜନା, ମାଙ୍ଗଳିକ କାମର ପ୍ରସ୍ତୁତି, ଖୋଜୁଥିବା ଜିନିଷ ପାଇବେ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରା ସ୍ଥଗିତ, ସୁଯୋଗ ହରାଇପାରନ୍ତି, ପ୍ରତିବନ୍ଧକ ହଟିଯିବ ॥

**କନ୍ୟା**
ନୂତନ ଯୋଜନାରମ୍ଭ, ପାରିବାରିକ ସାହାଯ୍ୟ, ପଡୋଶୀଙ୍କ ସହୃଦୟତା, କର୍ମକ୍ଷେତ୍ରରେ ଅର୍ନ୍ତଦ୍ୱନ୍ଦ୍ୱ, ବାଣିଜ୍ୟରେ ପ୍ରତିବନ୍ଧକ, ପୂର୍ବ ପ୍ରସ୍ତୁତିରେ ବ୍ୟତିକ୍ରମ, ବିବାଦରେ ବିଜୟ, ଧର୍ମକାର୍ଯ୍ୟରେ ସହଯୋଗ, ବନ୍ଧୁମିଳନରୁ ଆନନ୍ଦ, ପିତୃବର୍ଗରେ ପୀଡା ॥

**ତୁଳା**
ଅପ୍ରିୟ ସତ୍ୟପ୍ରକାଶରୁ ବିବାଦ, ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା, ଘର କାମରେ ବ୍ୟସ୍ତ ରହିବେ, ଆଶାନୁଯାୟୀ ପାରିଶ୍ରମିକ ପ୍ରାପ୍ତି, ବାଣିଜ୍ୟରେ ଲାଭାଂଶ ବଢ଼ିବ, ଧର୍ମକାର୍ଯ୍ୟରେ ମନୋନିବେଶ ॥

**ବିଛା**
ଟେନସନ୍ କମିଯିବ, ପାରିବାରିକ ଶାନ୍ତି, ଶୁଭଖବର ପାଇବେ, ଭୁଲ୍ ବୁଝାମଣା ଦୂର ହେବ, ଭାତୃସମ୍ପର୍କରେ ଅବନତି, ଆତ୍ମୀୟଙ୍କ ଅପପ୍ରଚାର, ଚୁକ୍ତିପତ୍ର ସମ୍ପାଦନ, ନୂତନସମ୍ପର୍କ ସୃଷ୍ଟି, କ୍ରୀଡାସଙ୍ଗୀତରେ ସଫଳତା, ରୋଗପୀଡା ଉପଶମ ହେବ ॥

**ଧନୁ**
ଟେନସନ୍ କମିଯିବ, ପାରିବାରିକ ଶାନ୍ତି, ଶୁଭଖବର ପାଇବେ, ଭୁଲ୍ ବୁଝାମଣା ଦୂର ହେବ, ଭାତୃସମ୍ପର୍କରେ ଅବନତି, ଚୁକ୍ତିପତ୍ର ସମ୍ପାଦନ, ସାହିତ୍ୟ କୃତିରୁ ସମ୍ମାନ, କ୍ରୀଡାସଙ୍ଗୀତରେ ସଫଳତା, ରୋଗପୀଡା ଉପଶମ ହେବ ॥

**ମକର**
ପରିସ୍ଥିତି ବଦଳିଯିବ, ନୂତନ ଯୋଜନାରମ୍ଭ, ଅଂଶୀଦାରଙ୍କ ସହଯୋଗ, ବନ୍ଧୁମିଳନ ହେବ, କର୍ମ ତତ୍ପରତା ବୃଦ୍ଧି, ବ୍ୟବସାୟିକ ଉନ୍ନତି, ରିସ୍କ ପଦକ୍ଷେପ ନେବେ, ବିବାଦର ଅବସାନ, ନୂତନ ବନ୍ଧୁ ସମ୍ପର୍କ, ଅନଟନ ଦୂର ହେବ, ଆଶାପୂରଣ ହେବ ॥

**କୁମ୍ଭ**
ଶୁଭଖବର ପାଇବେ, ସରକାରୀ ସହାୟତା, ଶାରୀରିକ ସୁସ୍ଥତା, ସହକର୍ମୀଙ୍କ ବଦାନ୍ୟତା, କଠିନ ପରିଶ୍ରମରୁ କ୍ଲାନ୍ତି, ବିବାହ ପ୍ରସ୍ତାବ ଆସିପାରେ, ଉପଢୌକନ ପାଇବେ, ଦୂରଯାତ୍ରାବେଳେ ହଇରାଣ ହେବେ ॥

**ମୀନ**
ମାନସିକ ଅବସାଦ, ସହକର୍ମୀଙ୍କ ସାନ୍ତ୍ୱନା, ଭ୍ରାତୃ ସମ୍ପର୍କରେ ଉନ୍ନତି, ପ୍ରତିବନ୍ଧକ ହଟିଯିବ, ଗୁରୁଜନଙ୍କ ପ୍ରେରଣା ମିଳିବ, ପୁରାଣ ପାଠରେ ରୁଚି, ବନ୍ଧୁମିଳନରୁ ଆନନ୍ଦ, ଶୁଭକାର୍ଯ୍ୟ କରିପାରନ୍ତି, ଆର୍ଥିକ ଦୂରବସ୍ଥା, ଦୂରଯାତ୍ରା ସ୍ଥଗିତ ରହିପାରେ, କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ॥

## ବେଡ୍‌ରୁମ୍ କେମିତି ହେବା ଦରକାର...

**ସ୍ତ୍ରୀ**ସ୍ୱାମୀଙ୍କ ସମ୍ପର୍କ ସବୁଠୁ ମଧୁର ଓ ସବୁଠୁ ସୁନ୍ଦର। ଏହି ସମ୍ପର୍କକୁ ଦୀର୍ଘସ୍ଥାୟୀ ଓ ନିବିଡ଼ କରାଇବା ଦିଗରେ ସେମାନଙ୍କ ବେଡ୍‌ରୁମ୍‌ର ବି ଯଥେଷ୍ଟ ଭୂମିକା ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ସେଥିପାଇଁ ସେମାନଙ୍କ ବେଡ୍‌ରୁମ୍‌ର ସାଜସଜ୍ଜାକୁ ନେଇ କିଛିଟା ନିୟମ ମାନିବାକୁ ହୋଇଥାଏ। ଯେମିତିକି: * ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ତ୍ରୀସ୍ୱାମୀଙ୍କ ବେଡ୍‌ରୁମ୍ ରହିବା ବାସ୍ତୁ ଅନୁଯାୟୀ ଖୁବ୍ ଶୁଭ ହୋଇଥାଏ। ଏହା ସମ୍ପର୍କରେ ଭଲପାଇବା ଓ ବିଶ୍ୱାସ ବୃଦ୍ଧି ହୋଇଥାଏ। * ସେମାନଙ୍କ ବେଡ୍‌ରୁମ୍‌ର ରଙ୍ଗ ହାଲୁକା ଗୋଲାପୀ ଅଥବା ହାଲୁକା ହଳଦିଆ ରହିଲେ ଭଲ। * ସେହିପରି ବେଡ୍‌ରୁମ୍‌ରେ ଲଭ୍ ବାର୍ଡ୍ସ ହେଉକି ଯୋଡ଼ା



ହଂସ ଅଥବା ଯୋଡ଼ା ଡଲ୍‌ଫିନ୍‌ଙ୍କ ଫଟୋ କି ମୂର୍ତ୍ତି ରଖିବା ଅଥବା ଦୁଇଟି ସୁଗନ୍ଧିତ ମହମବତି ନିୟମିତ ଜଳାଇବା ମନରେ ସକାରାତ୍ମକ ଭାବନା ଆଣିଥାଏ। * ବେଡ୍‌ରୁମ୍‌ର ଉତ୍ତର-ପୂର୍ବ ପଟେ ନାଲି ଗୋଲାପ ରଖିବା ବି ସ୍ତ୍ରୀସ୍ୱାମୀଙ୍କ ପାଇଁ ଶୁଭ ହୋଇଥାଏ। * ଅନ୍ୟପକ୍ଷେ ବେଡ୍‌ରୁମ୍‌ରେ କେବେ ବି କଣ୍ଟା ଜାତୀୟ ଗଛ ଯେମିତିକି କାକଟ୍‌ସ, ତଥା ଅସନା ଅଦରକାରୀ ଜିନିଷ ରଖିବେ ନାହିଁ। ସେହିପରି ଦର୍ପଣକୁ ବି ବେଡ୍ ସାମ୍ନାରେ ରଖିବା ଆଦୌ ଠିକ୍ ନୁହେଁ। ଏଇ କିଛି କଥା ଉପରେ ଟିକେ ଧ୍ୟାନ ଦେଲେ ସ୍ତ୍ରୀସ୍ୱାମୀଙ୍କ ସମ୍ପର୍କରେ କୁଆଡ଼େ ମଧୁରତା ଭରିଯାଏ ବୋଲି ବିଶ୍ୱାସ ରହିଛି।

## ପାଠକୀୟ

* ଭାରତୀୟ ସମ୍ବିଧାନ ହେଉଛି ଦେଶର ସର୍ବୋଚ୍ଚ ଆଇନଗତ ଦଲିଲ। ୧୯୫୦, ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଥିଲା। ଆଉ ଏହାକୁ ଗଢିବା ପଛରେ ଥିବା ଅତୁଳନୀୟ ଅବଦାନ ଲାଗି ଡା. ଭୀମରାଓ ରାମଜୀ ଆମ୍ବେଡ୍‌କରଙ୍କୁ ମିଳିଲା 'ସମ୍ବିଧାନର ଜନକ' ଆଖ୍ୟା। ତେବେ ସମ୍ବିଧାନ ନିର୍ମାଣବେଳେ ୧୫ ଜଣ ମହିଳାଙ୍କର ବି ଥିଲା ପ୍ରମୁଖ ଭୂମିକା। ଯେଉଁଥିପାଇଁ ସେମାନଙ୍କୁ ମିଳିଛି 'ସମ୍ବିଧାନର ଜନନୀ' ଆଖ୍ୟା। ତେଣୁ ଏଭଳି ଏକ ତଥ୍ୟପୂର୍ଣ୍ଣ ତଥା ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ଉପସ୍ଥାପିତ ହୋଇଥିବା 'ସମ୍ବିଧାନର ଜନନୀ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। ***- ପଲ୍ଲବୀ ସାମଲ, କଟକ***

* ସମ୍ବିଧାନ! ଦେଶର ସର୍ବୋଚ୍ଚ ଆଇନଗତ ଦଲିଲ। ଏହା ଦେଶର ଆତ୍ମା, ଗଣତନ୍ତ୍ରର ମେରୁଦଣ୍ଡ। ଏହି ସମୃଦ୍ଧ ସମ୍ବିଧାନ ନିର୍ମାଣ ପଛରେ କେବଳ ଯେ ପୁରୁଷଙ୍କର ଥିଲା ପ୍ରମୁଖ ଭୂମିକା ତାହା ନୁହେଁ, ୧୫ ଜଣବିଶିଷ୍ଟ ମହିଳାଙ୍କର ବି ଥିଲା ଅତୁଳନୀୟ ଅବଦାନ। ସେଇଥିପାଇଁ ତ ସମ୍ବିଧାନକୁ ରୂପରେଖ ଦେଇଥିବା ଏହି ମହିଳାମାନେ ପରିଚିତ ହୁଅନ୍ତି 'ସମ୍ବିଧାନର ଜନନୀ' ଭାବେ; ଯାହାକୁ ଆଧାର କରି ଛୁଟିଦିନରେ ପ୍ରକାଶିତ ହୋଇଥିବା ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ***- ବାପୁନ, ସିପୁନ୍, ମୟୂରଭଞ୍ଜ***

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୀତିକବି ପୀତାମ୍ବର ମିଶ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଫୁଟ୍‌ପାଥ୍‌ରେ ଶୀତ' ଶୀର୍ଷକ ଗପଟି ଖୁବ୍ ଚମତ୍କାର ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ବାପା-ଝିଅଙ୍କ ଯୋଡ଼ି', 'ୟାମିଙ୍କ ପ୍ରଶଂସାରେ ଆଲିଆ', 'ମନେ ପକାନ୍ତି ଦୀପିକା' ଆଦି ପାଠରୁ ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ଥିଲା। ***- ଅନିମେଶ ଚୌଧୁରୀ, ବାଲେଶ୍ୱର***

* ଲେଖିକା ଆରତି ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟଛୁଆଁ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଟ୍ରାଇ କଲର୍ ଫ୍ୟାଶନ' ପାଠଟି ବି ବେଶ୍ ନିଆରା ଥିଲା। 'କୁହୁଡ଼ିଗଡ଼' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା। 'ଗୋଲାପି କାଗଜରେ ଗହଣାକୁ କାହିଁକି ଗୁଡ଼ାଇ ରଖାଯାଏ' ଏକ ତଥ୍ୟ ଭିତ୍ତିକ ଲେଖା ଥିଲା। ***- ଅନିନ୍ଦିତା ମହାପାତ୍ର, କେନ୍ଦୁଝର***

* ଚିନ୍ମୟ ଚିନ୍ତନ ପାଠଟି ସତରେ ବେଶ୍ ଅଜବ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମ୍ୟୁଜିକାଲ ଲଲିପପ୍', 'ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଜଳପ୍ରପାତ!', 'ରହସ୍ୟମୟ ପଥର ପାତ୍ର' ଆଦି ପାଠଗୁଡ଼ିକ ବି ସତରେ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା। ***- ଆଲିସା ରାଣୀ ମୁଦୁଲି, ବଲାଙ୍ଗୀର***




## ବିଶେଷ ଚିଠି

ସମ୍ବିଧାନର ଜନନୀ ଥିଲା,
ଏଥରର ପ୍ରଚ୍ଛଦ ପ୍ରସଙ୍ଗ।
ଦେଉଥିଲା ନୂଆ ନୂଆ ବାର୍ତ୍ତା
ମନେ ଭରି ଅପୂର୍ବ ରଙ୍ଗ।
ତା'ସାଙ୍ଗକୁ ଥିଲା ସିନେମା,
ସହର, ସାଥୀ ଓ ପ୍ରଥମ ରୋଜଗାର,
ମନ କିଣି ନେଉଥିଲା ପୁଣି
ଲାଇଫ୍ ଷ୍ଟାଇଲ୍‌ର ଖବର।
ହେ ପ୍ରିୟ ଛୁଟିଦିନ
ତୁମର ଷୋହଳଟି ଯାକ
ପୃଷ୍ଠା ଲାଗେ ସବୁବେଳେ ନୂତନ।
***-ରମେଶ ମହାନ୍ତି, ସାତଶଙ୍ଖ, ପୁରୀ***

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଭାଇରାଲ୍ ବିବାହ

**ଏମାନେ ଖୁବ୍ ଧନୀ ନୁହନ୍ତି କି ଏମାନଙ୍କ ବିବାହରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇନି ତଥାପି ଏମାନଙ୍କ ବିବାହକୁ ନେଇ ବେଶ୍ ଚର୍ଚ୍ଚା ହେବା ସହ ଭାଇରାଲ୍ ହୋଇଛି ସୋସିଆଲ ମିଡ଼ିଆରେ...**

ପ୍ରେମ ଦୁଇଟି ମନର ମିଳନ। ଏହା ପବିତ୍ର, ଏହା ଶାଶ୍ୱତ। ପ୍ରେମ ମାନେ ନୁହେଁ ଜଣକୁ ପାଇ ଖୁସି ହୋଇଯିବା, ବରଂ ପ୍ରେମ ହେଉଛି ତାହା ଯାହାକୁ ପାଇ ସବୁ ଦୁଃଖ ଭୁଲିଯିବା। ଯେମିତି ଏହି ଦମ୍ପତିମାନେ ପରସ୍ପରକୁ ପ୍ରେମ କରିଥିଲେ। ଯିଏ ଯେଉଁ ପରିସ୍ଥିତିରେ ଥାଉନା କାହିଁକି ତାକୁ ସେହିଭଳି ନିଜର କରି ଶେଷରେ ଦିନେ ବିବାହ ବନ୍ଧନରେ ବାନ୍ଧିହେଲେ। ଆଉ ତାଙ୍କର ସେହି ବିବାହ ଚର୍ଚ୍ଚାର ପରିସରକୁ ମଧ୍ୟ ଆସିଲା।

**ଘରୁ ଲୁଚି ପଳାଇବାର ୬୪ ବର୍ଷ ପରେ ପୁନର୍ବିବାହ କଲେ ବୃଦ୍ଧ ଦମ୍ପତି:** ବାହାଘରକୁ ନେଇ ପ୍ରାୟ ସବୁ ଝିଅପୁଅଙ୍କର ଗୋଟେ ସ୍ୱପ୍ନ ଥାଏ। ବନ୍ଧୁ, ପରିଜନଙ୍କ ଭିଡ଼ ଜମିଥିବ। ହସଖୁସିରେ ଘର ଫାଟି ପଡୁଥିବ। ଆଖି ଝଲସିଗଲା ଭଳି ସାଜସଜ୍ଜା ହୋଇଥିବ। ଭୋଜିର ଆସର ଜମୁଥିବ। ସମସ୍ତଙ୍କ ଉପସ୍ଥିତିରେ ବାହାଘର ସମ୍ପନ୍ନ ହେବ, ଗୁରୁଜନମାନେ ଆଶୀର୍ବାଦ କରୁଥିବେ ଇତ୍ୟାଦି ଇତ୍ୟାଦି। ଠିକ୍ ଏହିଭଳି କିଛି ସ୍ୱପ୍ନ ଦେଖିଥିଲେ ଗୁଜରାଟର **ହର୍ଷ ଓ ମୃଦୁ**। ୧୯୬୦ ମସିହାରୁ ସେମାନଙ୍କ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସେତେବେଳେ ସେମାନେ ସ୍କୁଲରେ ପଢୁଥିଲେ। ହର୍ଷ ଥିଲେ ଜୈନ ସମ୍ପ୍ରଦାୟର ଆଉ ମୃଦୁ ଥିଲେ ବ୍ରାହ୍ମଣ ପରିବାରର ଝିଅ। ସେ ସମୟରେ ପ୍ରେମ ସମ୍ପର୍କକୁ ଏ ସମାଜ ସହଜରେ ଗ୍ରହଣ କରୁ ନ ଥିଲା। ହେଲେ ପ୍ରେମ ତ ଏକ ଅମାନିଆ ଚଢେଇ। ଏହା କେତେବେଳେ କାହା ମନରେ ଘର କରିନେବ ଜଣା ପଡିବନି। ଯେମିତି ଜାଣିପାରି ନ ଥିଲେ ହର୍ଷ ଓ ମୃଦୁ। ପରସ୍ପରକୁ ମନ ଦେଇ ଦେଇଥିଲେ। ଲୁଚେଇ ଲୁଚେଇ ପ୍ରେମ ପତ୍ର ଦିଆନିଆ ସେମାନଙ୍କ ଭିତରେ ଚାଲିଥିଲା। ସମୟ ବିତିବା ସହ ସେମାନଙ୍କ ପ୍ରେମ ବି ପରିପକ୍ୱ ହେଉଥିଲା। ଆଖିରେ ସେମାନଙ୍କର ସ୍ୱପ୍ନ ଥିଲା, ପଢ଼ା ସାରି ଚାକିରି କରିବେ, ଘରେ ସେମାନଙ୍କ କଥା କହିବେ, ଆଉ ତା'ପରେ ତାଙ୍କର ବାହାଘର ହେବ। କିନ୍ତୁ ସେମାନଙ୍କୁ ଜଣା ନ ଥିଲା ସ୍ୱପ୍ନ ଦେଖିବା ଆଉ ତାହା ବାସ୍ତବତାରେ ପରିଣତ ହେବା ଏତେ ସହଜ କଥା ନୁହେଁ। ହଠାତ୍ ଦିନେ ମୃଦୁଙ୍କର ପରିବାର ଲୋକେ ହର୍ଷଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିବା କଥା ଜାଣିଗଲେ। ତା'ପରେ ତାଙ୍କୁ ଖୁବ୍ ବିରୋଧ କରାଗଲା। ଘରୁ ବାହାରକୁ ବାହାରିବାକୁ ଦିଆ ଗଲାନି। ପରସ୍ପରକୁ ନଦେଖି ଖୁବ୍ ଛଟପଟ ହେଲେ ଉଭୟେ। ଲୁଚେଇ ଲୁଚେଇ ସାଙ୍ଗଙ୍କ ସାହାଯ୍ୟରେ ଥରେ ଦୁଇଥର ଚିଠି ଦିଆନିଆ ହେଲେ। ଆଉ ତା'ରି ଭିତରେ ନିଷ୍ପତ୍ତି ନେଇଗଲେ ଘର ଛାଡ଼ି ଚାଲିଯିବାକୁ। ଗଲାବେଳେ ମୃଦୁ ଘରୁ ଗୋଟିଏ ସାଧାରଣ ଶାଢ଼ି ପିନ୍ଧିକି ଯାଇଥିଲେ, ଯାହାର ମୂଲ୍ୟ ସେ ସମୟରେ ମାତ୍ର ୧୦ ଟଙ୍କା ହେବ। ଘର ଛାଡ଼ି ବହୁ ଦୂରକୁ ଚାଲିଗଲେ ଦୁହେଁ। ଠାକୁରଙ୍କ ସାମ୍ନାରେ ସିନ୍ଦୂର ପିନ୍ଧାଇ ପରସ୍ପରକୁ ନିଜର କରିନେଲେ। ଏହା ଥିଲା ୧୯୬୧ ମସିହାର କଥା। ପାଖରେ ପଇସା ନାହିଁ। ସମାଜରେ ଚଳିବା ପାଇଁ ଉଭୟଙ୍କୁ ବହୁ କଷ୍ଟ ସହିବାକୁ ପଡିଥିଲା। ପରସ୍ପର ପ୍ରତି ଥିବା ଭଲପାଇବା ଓ ସମ୍ମାନ ସେମାନଙ୍କୁ କ୍ରମେ ଦୃଢ଼ କରିଥିଲା। ବଞ୍ଚିବାର ରାହା ଦେଖାଇଥିଲା। ବେଶ୍ କିଛିବର୍ଷର ସଂଘର୍ଷ ପରେ ହର୍ଷ ଓ ମୃଦୁ ନିଜର ଏକ ସୁଖର ସଂସାର ଗଢ଼ିଲେ। ପିଲାଛୁଆ ହେଲେ। ସେମାନେ ବଡ଼ ହେଲେ ଚାକିରିବାକିରି କରି ବିବାହ କଲେ। ହର୍ଷ ଓ ମୃଦୁଙ୍କର ପରିବାର ଆହୁରି ବ୍ୟାପ୍ତ ହେଲା। ପୁଅବୋହୂ, ନାତିନାତୁଣୀଙ୍କ ଗହଣରେ ଖୁବ୍ ଖୁସିରେ ସେମାନଙ୍କ ଜୀବନ ଅତିବାହିତ ହେଲା। ହେଲେ ଯେତେବେଳେ ନାତିନାତୁଣୀମାନେ ଜାଣିବାକୁ ପାଇଲେ ଯେ, ସେମାନଙ୍କ ଜେଜେବାପା ଓ ଜେଜେମା' ଅର୍ଥାତ୍ ହର୍ଷ ଓ ମୃଦୁ ତାଙ୍କ ନିଜ ବାହାଘରକୁ ଆଦୌ ଉପଭୋଗ କରିନାହାନ୍ତି ସେମାନେ ଏକ ସରପ୍ରାଇଜ୍ ୱେଡିଂ ପ୍ଲାନିଂ କଲେ। ମୃଦୁଙ୍କୁ ସୁନ୍ଦର କନିଆ ବେଶରେ ଆଉ ହର୍ଷଙ୍କୁ ବର ବେଶରେ ସଜାଇ ସେମାନଙ୍କର ପୁଣିଥରେ ବିବାହ ସମ୍ପନ୍ନ କଲେ। ଘରୁ ଲୁଚି ପଳେଇ ଆସିବାର ୬୪ ବର୍ଷ ପରେ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ବେଶ୍ ଜାକଜମକରେ ପୁଣିଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବାରୁ ଉଭୟ ହର୍ଷ ଓ ମୃଦୁ ବେଶ୍ ଖୁସି ହେବା ସହ ଖୁବ୍ ସୁନ୍ଦର ସୁନ୍ଦର ଫଟୋ ପୋଜ୍ ବି ଦେଇଥିଲେ ; ଯାହା ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ମଧ୍ୟ ହୋଇଥିଲା।

**କେଶବିହୀନ ବଧୂବେଶରେ ସ୍ତ୍ରୀକୁ ଦେଖି ବେଶ୍ ଖୁସି ହୋଇଥିଲେ ସ୍ୱାମୀ:** ବାହାଘର ଦିନ ନବବଧୂଟିଏର ସୌନ୍ଦର୍ଯ୍ୟ ଖୁବ୍ ଆକର୍ଷକ ଲାଗେ। ତା'ର ସିନ୍ଦୂର ଲଗା ମଥାଠୁ ନେଇ ଅଳତା ଲଗା ପାଦ ଏପରି କି ମେହେନ୍ଦୀ ହୋଇଥିବା ହାତ, ସବୁ କିଛି ମନ ମୋହିନିଏ। ଆଉ ସବୁଠୁ ଯାହା ସୁନ୍ଦର ଲାଗେ ତାହା ହେଉଛି କଳା ମଚମଚ ଲମ୍ବା କେଶରେ ସୁନ୍ଦର ଖୋସା କରି ନାଲି ଓଢ଼ଣୀ ପକାଇଥିବାର ଦୃଶ୍ୟ। ହେଲେ ଏଠାରେ ଯେଉଁ ନବବଧୂଙ୍କ କଥା କୁହାଯାଉଛି, ତାଙ୍କଠାରେ କିଛିଟା ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସେ ନିଜ ବାହାଘର ଦିନ ଆପାଦମସ୍ତକ ଖୁବ୍ ସୁନ୍ଦର ଭାବେ ସଜବାଜ ହୋଇଥିଲେ। ନାଲି ରଙ୍ଗର ବ୍ରାଇଡାଲ୍ ଲେହେଙ୍ଗା ବି ତାଙ୍କୁ ଖୁବ୍ ମାନୁଥିଲା। ହେଲେ ଗୋଟିଏ କଥା ଯାହା ଊଣା ରହିଯାଇଥିଲା ତାହା ହେଉଛି ଉକ୍ତ ନବବଧୂଙ୍କର ମୁଣ୍ଡରେ ଗୋଟିଏ ହେଲେ ବି କେଶ ନ ଥିଲା। କେଶବିହୀନ ବଧୂ ବେଶରେ ବି ସେଦିନ ନବବଧୂ ଜଣଙ୍କ ଖୁବ୍ ଦୃଢମନା ଓ ମାର୍ଜିତ ଲାଗୁଥିଲେ। ତାଙ୍କ ଓଠର ହସ ତାଙ୍କ ରୂପକୁ ଆହୁରି ଆକର୍ଷଣୀୟ କରି ଦେଉଥିଲା। ତାଙ୍କର ଏଭଳି ସୌନ୍ଦର୍ଯ୍ୟକୁ ଦେଖି ସେଦିନ ଯିଏ ସବୁଠୁ ବେଶି ଖୁସି ଜଣାଯାଉଥିଲେ ସେ ହେଲେ ତାଙ୍କ ପ୍ରେମିକ ତଥା ଭାବୀ ସ୍ୱାମୀ।



ନୀହାର – ଅରୁଣ

ମୃଦୁ – ହର୍ଷ

ଉକ୍ତ ସ୍ୱାମୀଙ୍କର ପ୍ରକୃତ ନାମ ହେଉଛି **ଅରୁଣ ଭି ଗଣପଥୀ**। ଆଉ ସେହି କେଶବିହୀନ ନବବଧୂ ଜଣଙ୍କ ହେଲେ **ନୀହାର ସଚଦେଭା**, ଯିଏକି ପେସାରେ ଜଣେ କଣ୍ଟେଣ୍ଟ କ୍ରିଏଟର୍। ଏବେ ସେ ୟୁଏସ୍‌ରେ ରହୁଛନ୍ତି। କିନ୍ତୁ ପ୍ରକୃତପକ୍ଷେ ତାଙ୍କ ଘର ଭାରତରେ ବୋଲି ସୂଚନା ରହିଛି। ପିଲାଦିନେ ନୀହାରଙ୍କର ଖୁବ୍ ସୁନ୍ଦର କେଶ ଥିଲା। କିନ୍ତୁ କ୍ରମେ ସେ ଏଲୋପେସିୟା ନାମକ ଏକ କେଶ ଝଡିବାଜନିତ ରୋଗର ଶିକାର ହେଲେ। ମନକୁ ମନ ତାଙ୍କ ମୁଣ୍ଡର କେଶସବୁ ଉପୁଡିବାକୁ ଲାଗିଲା। ସ୍କୁଲରେ କି ବାହାରେ ତାଙ୍କୁ କିଏ ଚିଡ଼େଇବ ବୋଲି ପରିବାର ଲୋକେ ବାଧ୍ୟ କରି ନୀହାରଙ୍କୁ ୱିଗ୍ ଲଗାଇ ପଠାଉଥିଲେ। କିନ୍ତୁ ଏହି ୱିଗ୍ ହିଁ ନୀହାରଙ୍କ ପାଇଁ ବେଶି ଚିନ୍ତାର କାରଣ ସାଜିଲା। କାରଣ ତାଙ୍କ ଭିତରେ ଗୋଟେ ଡର ସବୁବେଳେ ରହୁଥିଲା ଯେ, ଯଦି ୱିଗ୍ କେଉଁଠି ଅଜାଣତରେ ଟାଣି ହୋଇଯାଏ କିମ୍ବା ଖସିଯାଏ ତା'ହେଲେ ତାଙ୍କ ଅବସ୍ଥା କ'ଣ ହେବ। ସମସ୍ତେ ତାଙ୍କୁ ଦେଖି ହସିବେ। ସେଥିପାଇଁ ସେ କୌଣସି କାମରେ ବି ଶତ ପ୍ରତିଶତ ମନନିବେଶ କରିପାରୁ ନ ଥିଲେ। ନା ପାଠରେ ନା ଖେଳରେ ନା ମଜାମସ୍ତିରେ। ସବୁବେଳେ ତାଙ୍କ ମନ ସେହି ୱିଗ୍ ପାଖରେ ହିଁ ରହୁଥିଲା। ସେଥିପାଇଁ ସେ ସ୍କୁଲ୍ ପଢା ସରିବା ପରେ ଆଉ ୱିଗ୍ ନ ଲଗାଇ ସମ୍ପୂର୍ଣ୍ଣ ଲଣ୍ଡା ହୋଇଯିବା ପାଇଁ ଚିନ୍ତା କଲେ। ଏଥିପାଇଁ ତାଙ୍କୁ ପ୍ରଥମେ ପ୍ରଥମେ ଲୋକମାନଙ୍କର ଟାହିଟାପରା ଶୁଣିବାକୁ ପଡୁଥିଲା। ତା'ପରେ ସବୁ କିଛି ଦେହସୁହା ହୋଇଗଲା। ନୀହାର ନିଜକୁ ଦୃଢ଼ କଲେ ଆଉ ଆତ୍ମବିଶ୍ୱାସର ସହ ନିଜ କ୍ୟାରିୟର ଉପରେ ଗୁରୁତ୍ୱ ଦେଲେ। ଆଉ ତା'ରି ଭିତରେ ଅରୁଣ ଭି ଗଣପଥୀ ନୀହାରଙ୍କ ଜୀବନରେ ଆସିଲେ। ନୀହାର ଯେମିତି ଥିଲେ ଯେପରି ଦେଖାଯାଉଥିଲେ ଅରୁଣ ତାଙ୍କୁ ସେହି ରୂପରେ ହିଁ ନିଜର କରି ନେଲେ। କିଛିଦିନର ପ୍ରେମ ସମ୍ପର୍କ ପରେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଲେ। ଏକ ଗ୍ରାଣ୍ଡ ୱେଡିଂ ପାର୍ଟିରେ ସେମାନେ ଯୋଜନା କଲେ। ବିବାହ ପାଇଁ ନୀହାର ସଜ ହେଉଥିବାବେଳେ ତାଙ୍କ ପରିବାର ଲୋକେ ତାଙ୍କୁ ୱିଗ୍ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ହେଲେ ସେ ୱିଗ୍ ପିନ୍ଧିବାକୁ ମନା କରି କହିଥିଲେ, 'ମୁଁ ଯେମିତି ଅଛି ସେମିତି ରହିବାକୁ ଚାହେଁ। ୱିଗ୍ ପିନ୍ଧି ପୁଣିଥରେ ମୋ ଆତ୍ମବଳକୁ କମାଇବାକୁ ଚାହେଁନା।' ସତକୁ ସତ ବିନା ୱିଗ୍‌ରେ ସେଦିନ ନୀହାର ଯେତେବେଳେ ବିବାହ ମଣ୍ଡପକୁ ଆସିଥିଲେ, ତାଙ୍କ ମୁହଁରେ ଆତ୍ମବିଶ୍ୱାସ ସ୍ପଷ୍ଟ ବାରି ହୋଇ ପଡୁଥିଲା, ଯାହା ତାଙ୍କୁ ଆହୁରି ଆକର୍ଷଣୀୟ କରି ଦେଉଥିଲା। ଦୂରରେ ଥାଇ ଅରୁଣ ତାଙ୍କ ଭାବୀ ପତ୍ନୀ ନୀହାରଙ୍କର ଏହି ଅପୂର୍ବ ସୌନ୍ଦର୍ଯ୍ୟକୁ ନିରିଖେଇ ଚାଲିଥିଲେ। ଆଉ ବିବାହ ପାଇଁ ଉଭୟ ଉଭୟଙ୍କର ନିକଟତର ଯେତିକି ହେଉଥିଲେ ସେମାନଙ୍କ ମନରେ ପରସ୍ପର ପ୍ରତି ଭଲପାଇବା ସେତିକି ବଢି ଚାଲିଥିଲା। ସତରେ ଜଣେ ସ୍ତ୍ରୀର ପ୍ରକୃତ ସୌନ୍ଦର୍ଯ୍ୟ ତା' ସ୍ୱାମୀ ଆଖିରେ ହିଁ ଶୋଭା ପାଇଥାଏ, ଯାହା ସେଦିନ ନୀହାର ଅନୁଭବ କରିଥିଲେ। ସେଥିପାଇଁ କେଶ ନ ଥାଇ ବି ନୀହାର ସେଦିନ ବଧୂବେଶରେ ଖୁବ୍ ସୁନ୍ଦର ଦେଖାଯିବା ସହ ବାହାଘରର ପ୍ରତିଟି ବିଧିକୁ ଖୁବ୍ ମନଭରି ଉପଭୋଗ କରୁଥିଲେ। ଆଉ ସ୍ୱାମୀ ଅରୁଣଙ୍କ ସହ ଖୁବ୍ ସୁନ୍ଦର ସୁନ୍ଦର ଫଟୋ ପୋଜ୍ ବି ଦେଉଥିଲେ। ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆରେ ଏହି ବାହାଘର ଫଟୋଗୁଡ଼ିକ ଅପ୍‌ଲୋଡ୍ ହେବା ପରେ ତାହା ଖୁବ୍ ଭାଇରାଲ ମଧ୍ୟ ହୋଇଥିଲା।

**ବାହାଘର ଦିନ ୧୧ ଜଣ ଗରିବ ଶିଶୁଙ୍କ ଶିକ୍ଷାର ଦାୟିତ୍ୱ ନେଇ ଉଦାହରଣ ସୃଷ୍ଟି କଲେ ଦମ୍ପତି:** ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସେମାନଙ୍କ ବାହାଘର ଦିନ ସବୁଠୁ ସ୍ପେଶାଲ ହୋଇଥାଏ। ଜୀବନସାଥୀକୁ ନେଇ ସୁନେଲୀ ଭବିଷ୍ୟତ ଗଢିବାର କେତେ କ'ଣ ଯୋଜନା ଚାଲିଥାଏ ସେମାନଙ୍କ ମନରେ। କିଏ ବାହାଘର ପରେ ହନିମୁନ୍ ଟ୍ରିପ୍‌ରେ କୁଆଡ଼େ ବୁଲିଯିବା ପାଇଁ ପ୍ଲାନିଂ କରୁଥାନ୍ତି ତ କିଏ ନିଜ ଜୀବନସାଥୀକୁ କ'ଣ ସରପ୍ରାଇଜ୍ ଗିଫ୍ଟ ଦେଲେ ଭଲ ହେବ ସେ ନେଇ ଚିନ୍ତାରେ ଥାନ୍ତି। ଆଉ କେହି କେହି ତ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବାହାଘର ପରେ କେତେ ସେଭିଙ୍ଗ୍ କରିବେ, କେଉଁ ଇନ୍ସ୍ୟୁରାନ୍ସର ସାହାଯ୍ୟ ନେବେ ସେ ନେଇ ଯୋଜନା କରୁଥାନ୍ତି। କିନ୍ତୁ ଏଠାରେ ଯେଉଁ ଦମ୍ପତିଙ୍କ କଥା କୁହାଯାଉଛି, ସେମାନେ ନିଜ ବାହାଘରକୁ ନେଇ ଏମିତି କିଛି ବି ସ୍ୱପ୍ନ ଦେଖି ନ ଥିଲେ। ବରଂ କେତେଜଣ ଗରିବ ଶିଶୁଙ୍କର ସୁନେଲି ଭବିଷ୍ୟତ ଗଢିବାର ନୂଆ ଏକ ସଂକଳ୍ପ ନେଇଥିଲେ। ଯେଉଁଥିପାଇଁ ବାହାଘର ଦିନ ବିବାହ ସମ୍ପନ୍ନ ହେବା ପରେ ସେମାନେ ୧୧ ଜଣ ଗରିବ ଶିଶୁଙ୍କୁ ସେହି ବିବାହ ମଣ୍ଡପରେ ବିଧିବଦ୍ଧ ଭାବେ ଆପଣେଇ ସେମାନଙ୍କ ଶିକ୍ଷାର ଦାୟିତ୍ୱ ବହନ କରିଥିଲେ । ଏହି ଦମ୍ପତି ଦୁଇଜଣ ହେଲେ କାନପୁର ଦେହାତରେ ରହୁଥିବା **ଦୀକ୍ଷା ଯାଦବ** ଓ ତାଙ୍କ ସ୍ୱାମୀ। ଦୀକ୍ଷା ଜଣେ ସାମାଜିକ କର୍ମୀ। ବାହାଘର ପୂର୍ବରୁ ହିଁ ସେ ଜନକଲ୍ୟାଣ କାମ କରି ଆସୁଛନ୍ତି। ସେ ଗରିବ, ଅସହାୟ ଲୋକଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, କୃଷକଙ୍କର ଉତ୍ଥାନ ଉପରେ ଗୁରୁତ୍ୱ ଦେବା ସହ ପରିବେଶ ଉପରେ ବି କାମ କରିଥାନ୍ତି। ପରୋପକାରକୁ ଦୀକ୍ଷା ନିଜ ଜୀବନର ଏକ ବ୍ରତ ମାନି ନେଇଛନ୍ତି। ଏପରିକି ଯେତେବେଳେ ତାଙ୍କର ବାହାଘର ଠିକ୍ ହେଲା, ସେ ଏମିତି କିଛି ଗୋଟେ ନୂଆ ଦାୟିତ୍ୱ ହାତକୁ ନେବାକୁ ଚାହିଁଲେ, ଯାହା ସମାଜ ପାଇଁ ଏକ ଉଦାହରଣ ହେବା ସହ ତାଙ୍କ ଭାବୀ ସ୍ୱାମୀଙ୍କୁ ମଧ୍ୟ ପରୋପକାର କ୍ଷେତ୍ରରେ ସାମିଲ ହେବାର ସୁଯୋଗ ମିଳିପାରିବ। ଏ ନେଇ ଦୀକ୍ଷା ନିଜ ଭାବୀ ସ୍ୱାମୀ ଓ ଶାଶୂଘର ଲୋକଙ୍କ ସାଙ୍ଗରେ ସାମ୍ନାସାମ୍ନି କଥା ବି ହେଲେ। ସେମାନେ ମଧ୍ୟ ଦୀକ୍ଷାଙ୍କୁ ପୂର୍ଣ୍ଣ ସମର୍ଥନ କଲେ। ବିଶେଷକରି ଦୀକ୍ଷାଙ୍କ ଭାବି ସ୍ୱାମୀ ଦୀକ୍ଷାଙ୍କର ଏହି ନିଷ୍ପତ୍ତିକୁ ନେଇ ବେଶ୍ ଖୁସି ଥିଲେ। ଯଦ୍ୱାରା ଦୀକ୍ଷା ୧୧ଜଣ ଏମିତି ଗରିବ ଶିଶୁଙ୍କୁ ଠିକ୍ କଲେ, ଯେଉଁମାନଙ୍କର ପାଠ ପଢିବାକୁ ଇଚ୍ଛା ଥିଲେ ବି ଆର୍ଥିକ ଦୁରବସ୍ଥା ହେତୁ ପଢିବାର ସୁଯୋଗ ପାଉ ନ ଥିଲେ। ଛୋଟମୋଟ ସୁବିଧାରୁ ବଞ୍ଚିତ ରହି ନିଜକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରୁ ନ ଥିଲେ। ଆଉ ଯେଉଁଦିନ ଦୀକ୍ଷାଙ୍କର ବାହାଘର ଥିଲା, ସେଦିନ ସେହି ୧୧ ଜଣ ଶିଶୁଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇଥିଲା। ବାହାଘର ସମ୍ପନ୍ନ ହେବା ପରେ ଅତିଥିମାନଙ୍କ ସାମ୍ନାରେ ଦୀକ୍ଷା ଓ ତାଙ୍କ ସ୍ୱାମୀ ଷ୍ଟେଜ୍ ଉପରକୁ ସେହି ପିଲାମାନଙ୍କୁ ଡାକି ସେମାନଙ୍କର ପରିଚୟ ଦେବା ସହ ବିଧିବଦ୍ଧ ଭାବେ ସେମାନଙ୍କୁ ଆପଣେଇ ସେମାନଙ୍କର ଶିକ୍ଷାଦୀକ୍ଷାର ସମସ୍ତ ଦାୟିତ୍ୱ ନେବା କଥା ସମସ୍ତଙ୍କୁ ଜଣାଇଥିଲେ। ପରେ ସେହି ପିଲାମାନଙ୍କ ସହ ନବଦମ୍ପତି ଅନେକ ଫଟୋ ଉଠାଇ ଖୁବ୍ ମଜାମସ୍ତି ବି କରିଥିଲେ। ସେଦିନର ଏହି ଘଟଣା ସେଠାରେ ଉପସ୍ଥିତ ଥିବା ସମସ୍ତ ଅତିଥିମାନଙ୍କର ମନକୁ ଖୁବ୍ ଛୁଇଁ ଯାଇଥିଲା। ସମସ୍ତେ ଦୀକ୍ଷା ଓ ତାଙ୍କ ସ୍ୱାମୀଙ୍କୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ପରେ ଏହି ଘଟଣାଟି ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା।



ସ୍ୱାମୀ ଓ ଦାୟିତ୍ୱ ନେଇଥିବା ପିଲାଙ୍କ ସହ ଦୀକ୍ଷା

**ଟ୍ରେନ୍‌ରେ ଭିକ ମାଗୁଥିବା ଯୁବତୀଙ୍କୁ ଉଦ୍ଧାର କରି ବିବାହ କଲେ ଯୁବକ:** ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଅସହାୟ, ଗରିବ ପିଲାମାନଙ୍କୁ ଟ୍ରେନ୍ ଭିତରେ ହେଉ କି ପ୍ଲାଟ୍‌ଫର୍ମରେ ହାତପାତି ଭିକ ମାଗୁଥିବାର ଦୃଶ୍ୟ ଆମ ଭିତରୁ ଅନେକେ ଦେଖିଥିବେ। କେହି କେହି ଟଙ୍କା, ପଇସା ଦେଉଥିବାବେଳେ କେହି କେହି ସେମାନଙ୍କୁ ଖାଇବା ପୁଡ଼ିଆ ହେଉ କି ବିସ୍କୁଟ୍ ଚକୋଲେଟ୍ ଦେଇଥାନ୍ତି। କିନ୍ତୁ ବିହାରର **ଗୋଲୁ** ନାମକ ଜଣେ ଯୁବକ ଏଇ କିଛିଦିନ ତଳେ ଟ୍ରେନ୍‌ରେ ଯାଉଥିବା ସମୟରେ ଟ୍ରେନ୍ ଭିତରେ ଜଣେ ଯୁବତୀଙ୍କୁ ଭିକ ମାଗୁଥିବାର ଦେଖିଥିଲେ। ସେ ନିଜ ସାଧ୍ୟମତେ ଯୁବତୀଙ୍କୁ କିଛି ଆର୍ଥିକ ସାହାଯ୍ୟ ବି କରିଥିଲେ। ହେଲେ କିଛି ସମୟ ପରେ ଦେଖିଲେ ଟ୍ରେନ୍‌ରେ ଯାତ୍ରା କରୁଥିବା କିଛି ଖରାପ ଯୁବକ ସେହି ଯୁବତୀଙ୍କୁ ଭାରି ହଇରାଣ କରୁଛନ୍ତି। ତାଙ୍କୁ ଖରାପ କଥା ବି କହୁଛନ୍ତି। ଯୁବତୀ ଜଣଙ୍କ ଅସହାୟ ହୋଇ ଖାଲି କାନ୍ଦୁଥିଲେ। ଗୋଲୁଙ୍କୁ ଏସବୁ ଆଦୌ ଭଲ ଲାଗିଲାନି। ସେ ସାଙ୍ଗେ ସାଙ୍ଗେ ସେଠାକୁ ଯାଇ ସେମାନଙ୍କୁ ବିରୋଧ କଲେ। ଯଦ୍ୱାରା ସେମାନଙ୍କ ଭିତରେ ଝଗଡ଼ା ହେଲା। ହାତ ଉଠାଉଠି ପର୍ଯ୍ୟନ୍ତ କଥା ଗଲା। ଏସବୁ ଦେଖି ଉକ୍ତ ଯୁବତୀ ଜଣଙ୍କ ଗୋଲୁଙ୍କ ହାତକୁ ଟାଣି ଟାଣି ସେଠାରୁ କିଛି ଦୂର ନେଇ କହିଲେ, ''ଏ କଥା ମୋ ପାଇଁ ନୂଆ ନୁହେଁ। ଏମିତି ଘଟଣା ମୋ ସହିତ ପ୍ରାୟ ହୁଏ। ମୋର ଏ ଦୁନିଆରେ କେହି ନାହାନ୍ତି। ଭିକ ମାଗି ନିଜ ପେଟ ପୋଷୁଛି। ଲୋକଙ୍କର ଖରାପ କଥାକୁ ଶୁଣି ମୁଁ ସବୁଦିନ କାହା ସହିତ ଝଗଡ଼ା କରିପାରିବିନି । ତେଣୁ ମୋତେ ମୋ ଅବସ୍ଥାରେ ଛାଡ଼ିଦିଅ। ତୁମେ କାହିଁକି ମୋ ପାଇଁ ଅଯଥାରେ ଝଗଡ଼ା କରି ଶତ୍ରୁ କିଣୁଛ।'' ଯୁବତୀଙ୍କର ଏଭଳି ସ୍ପଷ୍ଟ ଆଉ ହୃଦୟଖୋଲା କଥା ଗୋଲୁଙ୍କ ମନକୁ ସେଦିନ ବେଶ୍ ଛୁଇଁଗଲା। ସେହି କ୍ଷଣି ହିଁ ଗୋଲୁ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନେମନେ ସ୍ଥିର କଲେ। ଘରକୁ ଫୋନ୍ କରି ସମସ୍ତ ଘଟଣା ସମ୍ପର୍କରେ ଆଉ ନିଜ ନିଷ୍ପତ୍ତି ବିଷୟରେ ମା'ବାପାଙ୍କୁ ଜଣାଇବାରୁ ସେମାନେ ବି ପୁଅ କଥାରେ ରାଜି ହୋଇଗଲେ। ବାସ୍ ତା'ପରେ ଗୋଲୁ ଉକ୍ତ ଯୁବତୀଙ୍କୁ ସାଥୀରେ ନେଇ ନିଜ ଘରକୁ ଗଲେ। ଆଉ ସେଠାରେ ସେମାନଙ୍କ ବାହାଘରର ଆୟୋଜନ ହେଲା। ବନ୍ଧୁ, ପରିଜନ ତଥା ଆମନ୍ତ୍ରିତ ଅତିଥିମାନେ ଗୋଲୁ ଓ ତାଙ୍କ ପରିବାରର ଏଭଳି ମହତ୍ ନିଷ୍ପତ୍ତିକୁ ଭୂୟସୀ ପ୍ରଶଂସା କରିବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି ଘଟଣାଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ବି ହୋଇଥିଲା।



ପତ୍ନୀଙ୍କ ସହ ଗୋଲୁ

ସତରେ ଏମାନଙ୍କ ଭଲପାଇବା ଆଉ ବାହାଘର କଥା ଶୁଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ। ଏହାକୁ ହିଁ ତ କୁହାଯାଏ ସଚ୍ଚା ପ୍ରେମ, ଯେଉଁଥିରେ ନା କିଛି ଆବିଳତା ଥାଏ ନା କିଛି ଅବସୋସ। କେବଳ ସାଥୀ ପାଇଁ ମନରେ ଭରି ରହିଥାଏ ପ୍ରେମ ଆଉ ସମ୍ମାନବୋଧ।

—ଅନ୍ୱିତା ମିଶ୍ର

# ସ୍ୱାମୀଙ୍କ ଭଲ ପାଇବା ମୋ ବିଉଟି ସିକ୍ରେଟ୍



**ତାଙ୍କ ହସ ମିଠା, କଥା ମିଠା। ମିଠା ମିଠା ଥିଲା ତାଙ୍କ ଅଭିନୟ ଓ ନୃତ୍ୟର ଯାଦୁ। ସେଇଥିପାଇଁ ତ ଓଡ଼ିଶାର ଦର୍ଶକଙ୍କ ହୃଦୟରେ ସେ ଏବେ ବି ରାଜ୍ କରନ୍ତି। ସେ ହେଉଛନ୍ତି ଲିପ୍ସା ଶତପଥି, ତଥା ସମସ୍ତଙ୍କର ଅତି ପ୍ରିୟ ମିଠି। ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ ତାଙ୍କ କଥା...**

**ଛୋ**ଟବେଳେ ଜମାରୁ ଦୁଷ୍ଟ ନ ଥିଲି। ବହୁତ ଶାନ୍ତ ଥିଲି। ଭଲ ପଢୁଥିଲି। ଆମେ ଦୁଇ ଭଉଣୀ। ମୁଁ ସାନ। ଯୋଉ ନାଁରେ ମତେ ସମସ୍ତେ ଜାଣନ୍ତି ଅର୍ଥାତ୍ 'ମିଠି' ନାଁଟି ମୋର ବଡ଼ ଭଉଣୀ ହିଁ ରଖିଥିଲେ।

**ପିଲାଦିନର ଅଭୁଲା ଅନୁଭୂତି:** ସମର ଭ୍ୟାକେଶନ୍‌ରେ ଆମେ ଯେତେବେଳେ ଜେଜେମା' ଜେଜେବାପାଙ୍କ ପାଖକୁ ଢେଙ୍କାନାଳ ଅବା ମାମୁଘର କାକଟପୁର ଯାଉଥିଲୁ ପୂରା ପରିବାର ସହ ଖୁବ୍ ମଜା ହେଉଥିଲା। ସେ ସ୍ମୃତି କେବେ ବି ମନରୁ ଯିବନି।

**ଅଭିନୟରେ ପ୍ରଥମ ପାଦ:** ୩ ବର୍ଷ ବୟସରୁ ମୁଁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କରିଥିଲି। ବହୁତ ଜାଗାରେ ପରଫର୍ମ କରି ପୁରସ୍କୃତ ବି ହେଉଥିଲି। ଏମିତି ପରଫର୍ମ କରିବା ବେଳେ ହିଁ ମୋ ଏକ୍ସପ୍ରେସନ୍ ଓ ନାଚ ଦେଖି କେତେଜଣ ଡାଇରେକ୍ଟର, ପ୍ରଡ୍ୟୁସର୍ ମତେ ପସନ୍ଦ କରିଥିଲେ। ମମି ପାପାଙ୍କୁ ଆପ୍ରୋଚ ବି କରିଥିଲେ। ପାପା ସି.ଡି. ଶତପଥୀ ବ୍ୟାଙ୍କରେ ଜେନେରାଲ ମ୍ୟାନେଜର ଥିଲେ। ସେ ପଢାକୁ ବେଶି ଗୁରୁତ୍ୱ ଦେଉଥିଲେ। ତା'ଛଡ଼ା ମୁଁ ସେତେବେଳେ ସ୍କୁଲରେ ପଢୁଥିଲି। ତେଣୁ ଏଇ ଇଣ୍ଡଷ୍ଟ୍ରିରେ କ୍ୟାରିୟର କରିବାକୁ ମମି ପାପା ପ୍ରଥମେ ରାଜି ହୋଇ ନ ଥିଲେ। ହେଲେ ଶେଷରେ ରାଜି ହେଲେ। ଆଉ ନବମ ଶ୍ରେଣୀରେ ପଢିବାବେଳେ 'ଘଟଗାଁ ତାରିଣୀ' ଭଜନ ଆଲବମ୍‌ରୁ ଆରମ୍ଭ ହେଲା ମୋ କ୍ୟାରିୟର। ମୋର କ୍ୟାମେରା ଫିୟରନେସ୍ ନ ଥିଲା। ସେଥିପାଇଁ ଡାଇରେକ୍ଟର ପ୍ରଡ୍ୟୁସର୍ ବହୁତ ଖୁସି ହେଉଥିଲେ। ଆଉ ବହୁତ କାମ ମିଳିଲା। ଗୋଟେ ପରେ ଗୋଟେ ହିଟ୍ ଆଧୁନିକ ଆଲବମ୍ କଲି। କମ୍ ସମୟରେ ଲୋକପ୍ରିୟ ହେଇଗଲି। ପରେ ଆଙ୍କରିଂ ଓ ରେଡିଓ ଜକି ଭାବେ ବି କାମ କଲି।


**ଫିଲ୍ମରେ ସୁଯୋଗ:** ଏ ଗଉରା, ନାଁଟି ତାର ବୁଲ୍ ବୁଲ୍, ରାଜହଂସୀ ଚାଲି, ଏ ସାଲୁ ଭଳି ଅନେକ ହିଟ୍ ଆଲବମ୍ କରିବା ସହ 'ୱାନ୍ ଟୁ ଚାଚା ଚା' ରେ ଆଙ୍କରିଂ କରି ବହୁତ ସକ୍‌ସେସ୍ ପାଇଲି। ତେଣୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଲା। ୨୦୦୫ରେ 'ଜୀବନ ମୃତ୍ୟୁ' ଓ ଏହାର ତିନି ବର୍ଷ ପରେ 'ଛାତି ଚିରିଦେଲେ ତୁ' ଚଳଚ୍ଚିତ୍ରରେ ଅଭିନୟ କଲି। ଦୁଇଟି ଯାକ ଫିଲ୍ମ ହିଟ୍ ହୋଇଥିଲା।

**ଅଭିନୟ ବି ପଢା ବି:** ଶୁଟିଂ ସେଟ୍‌କୁ ମୁଁ ବହି ନେଇକି ଯାଉଥିଲି। ଟିକେ ଫୁର୍‌ସତ୍ ମିଳିଲେ ପଢୁଥିଲି। ଏମିତି ଭାବେ ପଢି ଭଲ ରେଜଲ୍ଟ କରୁଥିଲି। ଟୁରିଜମ୍‌ରେ ଗ୍ରାଜୁଏଶନ କରି ମୁଁ ଅଲ୍ ଇଣ୍ଡିଆ ଟପ୍ପର ହୋଇ ଗୋଲ୍ଡ ମେଡାଲ ପାଇଲି।

**ଆତ୍ମସନ୍ତୋଷ ମିଳେ:** ୩୦୦ରୁ ଊର୍ଦ୍ଧ୍ୱ ଆଲବମ୍ କରିଛି, ଦୁଇଟି ଚଳଚ୍ଚିତ୍ର ସହ ବଡ଼ ବଡ଼ କମ୍ପାନୀ ପାଇଁ ବିଜ୍ଞାପନ ଓ ମଡେଲିଂ ବି କରିଛି। ହେଲେ ଆଙ୍କରିଂ ଓ ରେଡିଓ ଜକି ଭାବେ ମତେ ବେଶି ଆତ୍ମସନ୍ତୋଷ ମିଳିଥିଲା।

**ଓଲିଉଡ୍‌କୁ ବାଏ ବାଏ:** ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉ ନ ଥିବାରୁ ଓଲିଉଡ୍‌ରେ କାମ କରିବାକୁ ନେଇ ଘରେ କାହାରି ଅଭିଯୋଗ ନ ଥିଲା। ହେଲେ ଯେବେ ମୁଁ ଟୁରିଜମ୍‌ରେ ଗ୍ରାଜୁଏଶନ୍ କରି ଅଲ୍ ଇଣ୍ଡିଆ ଟପ୍ପର ହେଇ ଗୋଲ୍ଡ ମେଡାଲ ପାଇଲି ବାପା କହିଲେ ଏବେ ଅଭିନୟଜଗତକୁ ଛାଡ। ବ୍ରାଇଟ୍ ଫ୍ୟୁଚର୍ ପାଇଁ ହାୟର୍ ଷ୍ଟଡି ଜରୁରୀ। ତେଣୁ ମୁଁ ଏଣ୍ଟ୍ରାନ୍ସ ଦେଲି। ରେପୁଟେଡ ଆଇଆଇଜେଏନ୍‌ଏମ୍‌ରେ ଜର୍ନାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେଶନ୍‌ରେ ସିଟ୍ ପାଇଗଲି। ଆଉ ଅଭିନୟଜଗତର ମୋହମାୟାକୁ ଛାଡି ହାୟର ଷ୍ଟଡି ପାଇଁ ବେଙ୍ଗାଲୁରୁ ଚାଲି ଆସିଲି।

**ଅବସୋସ:** ଓଲିଉଡ୍‌କୁ ଛାଡିବାର ଅବସୋସ କେବେ ବି ହେଇନି। କାରଣ ମୁଁ ଜାଣିଛି ଏଇ ଇଣ୍ଡଷ୍ଟ୍ରିରେ ହିରୋମାନଙ୍କ ଲାଇଫ୍ ଟାଇମ୍ ଅଧିକ, ହେଲେ ହିରୋଇନ୍‌ମାନଙ୍କର କମ୍।



**ବିବାହ:** ୨୦୧୨ରେ ମାତ୍ର ୨୨ ବର୍ଷ ବୟସରେ ମୁଁ ବିବାହ କରିଥିଲି। ମୋର ଲଭ୍ କମ୍ ଆରେଞ୍ଜ ମ୍ୟାରେଜ ହୋଇଥିଲା। ଆମ ଭଲ ପାଇବାକୁ ଘରେ କେହି ବିରୋଧ କରି ନ ଥିଲେ। କାରଣ ସୌମିତ୍ର ଭଲ ପିଲା ହେବା ସହ ବ୍ରାହ୍ମଣ ଥିଲେ। ତାଙ୍କ ବାପା ଆଇଏଏସ୍ ଅଫିସର ଥିଲେ। ବାହାଘର ପରେ ଆମେ ଦୁହେଁ କିଛି ବର୍ଷ ବିଦେଶରେ ଓ ଏବେ ବେଙ୍ଗାଲୁରୁରେ ରହି ଚାକିରି କରୁଛୁ। ବିବାହର ୧୪ ବର୍ଷ ହେଇଗଲାଣି। ଆମର ୪ ବର୍ଷର ପୁଅ ଆମ ଫ୍ୟାମିଲିକୁ କମ୍ପ୍ଲିଟ୍ କରିଛି।

**ପ୍ରେମ କାହାଣୀ:** ସୌମିତ୍ର ଓ ମୁଁ ଏକା ସାଙ୍ଗରେ ଜର୍ନାଲିଜମ୍ କରିବା ସହ ମିଶିକି ଆର୍‌ଜେ ଭାବେ କାମ କରୁଥିଲୁ। ଏମିତିରେ ପ୍ରଥମେ ଆମ ଭିତରେ ବନ୍ଧୁତା ହେଲା ଓ ପରେ ବେଷ୍ଟ ଫ୍ରେଣ୍ଡ ହେଲୁ। ତିନି ବର୍ଷର ବନ୍ଧୁତା ପରେ ବିବାହ କରିବାକୁ ନିଷ୍ପତ୍ତି ନେଲୁ। ଉଭୟ ପରିବାର ବି ରାଜି ହୋଇଗଲେ। ଆଉ ଆମ ବିବାହ ହେଲା। ହେଲେ ଆମେ କେବେ ପରସ୍ପରକୁ 'ଆଇ ଲଭ୍ ୟୁ' କହିନୁ। ତା'ମାନେ ନୁହେଁ ଯେ, ଆମ ଭିତରେ ଭଲ ପାଇବା ନାହିଁ। ଅନେକେ କହନ୍ତି ଆଜିଯାଏ ମୁଁ ଏତେ ୟଙ୍ଗ, ବିଉଟିଫୁଲ୍ କେମିତି ଅଛି ? ମୁଁ କହେ ମୋ ସ୍ୱାମୀଙ୍କ ଭଲ ପାଇବା ହିଁ ମୋ ସୌନ୍ଦର୍ଯ୍ୟର ରହସ୍ୟ।

**ପ୍ରଥମ ଉପହାର:** ବାହାଘର ପରେ ମୋ ସ୍ୱାମୀ ମତେ ପ୍ରଥମେ ଏକ କାର୍ ଉପହାର ଦେଇଥିଲେ। ଆଉ ଆମର ଦଶମ ବିବାହ ବାର୍ଷିକୀରେ ମୁଁ ତାଙ୍କୁ ଆମ ପୁଅକୁ ଉପହାର ଦେଇଥିଲି।

**ମାତୃତ୍ୱ:** ମା' ହେଲା ପରେ ଲାଇଫ୍ ବଦଳିଛି। ୱାର୍କିଂ ମଦର ଭାବେ କଷ୍ଟ ତ ହେଉଛି। ହେଲେ ସେଥିରେ ବି ଖୁସି ମିଳୁଛି। ମା' ହେବା ପରେ ଧୈର୍ଯ୍ୟ ରଖି କେମିତି କାମ କରିବାକୁ ହେବ ଶିଖିଛି।

**ଫିଟ୍‌ନେସ୍ ପାଇଁ:** ବଡି ପାଇଁ ବେଷ୍ଟ ଡୋପାମେନ ହେଉଛି ଏକ୍ସରସାଇଜ୍। ତେଣୁ ଷ୍ଟ୍ରେସ୍ ରିଲିଜ ସହ ଫିଟ୍ ରହିବା ପାଇଁ ମୁଁ ପ୍ରତିଦିନ ପୁଅ ଉଠିବା ପୂର୍ବରୁ ସକାଳ ୪ଟାରେ ଉଠି ଘଣ୍ଟାଏ ଏକ୍ସରସାଇଜ୍ କରେ।

**ବୁଲିବା:** ବାହାଘର ପରେ ଆମେ ଡିସାଇଡ୍ କରିଥିଲୁ ବର୍ଷରେ ଥରେ ଇଣ୍ଡିଆ ବାହାରକୁ ଭ୍ୟାକେଶନ୍‌ରେ ଯିବୁ। ଆଉ ଆଜିଯାଏ ସେଇୟା କରି ଆସୁଛୁ। ବିଭିନ୍ନ ସ୍ଥାନ ବୁଲିବା ଭିତରେ ମତେ ୟୁରୋପ, ପ୍ରାଗ, ମାଲଡିଭ୍‌ସ ବହୁତ ଭଲ ଲାଗେ।

**ପ୍ରିୟ ଖାଦ୍ୟ:** ରାଗ ଓ ମସଲା ଯୁକ୍ତ ଖାଦ୍ୟ ଖାଇବାକୁ ଜମା ଭଲ ଲାଗେନି। ପୂରା ସାଦା ଖାଇବା ପସନ୍ଦ।



**ସ୍ୱଭାବ:** ମୁଁ ଆଦୌ ରାଗି ନୁହେଁ ଶାନ୍ତ ସ୍ୱଭାବର। ହେଲେ ଟିକେ ଟିକେ କଥାରେ ଚିଡିଯାଏ। ଆଉ ମୋ ସ୍ୱାମୀ ମତେ ବେଶି ଚିଡେଇ ଥାନ୍ତି।

**ଅବସରରେ:** ଯେହେତୁ କର୍ପୋରେଟ୍ ଜବ୍‌ରେ ଅଛି ସବୁବେଳେ ବ୍ୟସ୍ତ ରହେ। ଆଉ ୱିକେଣ୍ଡରେ ପୁଅ ସହ ସମୟ ବିତାଏ। ଘର ସଜାଏ। ତା'ସହ ରିଲ୍ସ କରେ ନ ହେଲେ ବୁଲାବୁଲି କରେ। ବହି ପଢିବାକୁ ବି ଭଲଲାଗେ। ଫ୍ରେଣ୍ଡଙ୍କ ସହ କେବେ କେବେ ବୁଲାବୁଲି ଓ ଶପିଂ କରେ।

**ୱିକନେସ୍:** ମୋ ପରିବାର ମୋ ଷ୍ଟ୍ରେନ୍ଥ ଓ ୱିକ୍‌ନେସ୍ ବି। ସେମାନଙ୍କର କିଛି ହେଲେ ମୁଁ ସହିପାରେନା।


**ସିକ୍ରେଟ୍ ଶେୟାର କରେ:** ମମି ଜ୍ୟୋସ୍ନା ଶତପଥୀ ଓ ମୋ ବେଷ୍ଟ ଫ୍ରେଣ୍ଡ ଗୁଡ୍‌ଡ଼ି ସହ ମୁଁ ମୋ ସିକ୍ରେଟ୍ ଶେୟାର କରେ।

**କେବେ ଫେରିବେ:** ମତେ ଚାହିଁ ଯଦି କିଛି ଷ୍ଟୋରି କରାଯାଏ, ଅବା କୌଣସି ରିଆଲିଟି ଶୋ'ରେ ଜଜ୍ ଭାବେ ନିଆଯାଏ ଅଥବା କୌଣସି ଶୋ'ରେ ଯଦି ମତେ ଭଲରେ ପ୍ରେଜେଣ୍ଟ କରାଯାଏ ତେବେ ମୁଁ ନିଶ୍ଚୟ କମ୍‌ବ୍ୟାକ୍ କରିବି। ଯଦିଓ ମୁଁ ସମ୍ପୂର୍ଣ୍ଣଭାବେ ଫେରିପାରିବିନି। ମଝିରେ ମଝିରେ ଗୋଟେ ଗୋଟେ ଶୋ' କରିବି।

–ଶିବାନୀ ମହାନ୍ତି



# ହିଟ୍‌ଲରଙ୍କ ପ୍ରେମକାହାଣୀ



–ପ୍ରଦୀପ କୁମାର ରାୟ

ପ୍ରେମିକ କହିବା ମାତ୍ରେ ହିଁ ଆମେ କଳ୍ପନା କରିଥାଉ ଜଣେ ନରମ ସ୍ୱଭାବର ପୁରୁଷ, କିନ୍ତୁ ସମଗ୍ର ବିଶ୍ୱର ଆତଙ୍କ ତଥା ନାଜି ବାହିନୀର ଲିଡର୍ ସ୍ୱେଚ୍ଛାଚାରୀ ହିଟଲର୍‌ଙ୍କ ଜୀବନରେ ବି ପ୍ରେମ ଥିଲା ସେକଥା ଶୁଣିବା ମାତ୍ରେ ଅବାକ୍ ହେବାକୁ ପଡ଼ିଥାଏ ।

ଏହି ଭୟଙ୍କର ମଣିଷଙ୍କ ପ୍ରେମରେ ପଡ଼ିଥିଲେ ଏକାଧିକ ନାରୀ । ସେମାନଙ୍କ ମଧ୍ୟରୁ ଇଭା ବ୍ରାଉନ ଥିଲେ ଅନ୍ୟତମ । ଯେତେବେଳେ ଇଭାଙ୍କ ସହିତ ହିଟ୍‌ଲରଙ୍କ ପରିଚୟ ହୋଇଥିଲା ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ୧୭ ବର୍ଷ ଏବଂ ହିଟଲର୍ ଥିଲେ ୪୦ବର୍ଷର ଯୁବକ । ସେତେବେଳେ ଇଭା ଜଣେ ଫଟୋଗ୍ରାଫରଙ୍କ ସହକାରୀ ଓ ମଡେଲ ଭାବରେ କାମ କରୁଥିଲେ । ପ୍ରଥମ ସାକ୍ଷାତ୍ ବେଳେ ହିଟ୍‌ଲରଙ୍କ ଅସଲ ପରିଚୟ ଜାଣି ନ ଥିଲେ ଇଭା । ତଥାପି ପ୍ରଥମ ସାକ୍ଷାତ୍‌ରେ ହିଁ ସେ ହିଟଲରଙ୍କ ପ୍ରେମରେ ପଡ଼ିଥିଲେ । ହିଟ୍‌ଲର ମଧ୍ୟ ତାଙ୍କ ସୁନ୍ଦର ଆଖି ଦେଖି ରହିଯାଇଥିଲେ । ଏହାପରେ ଧୀରେ ଧୀରେ ହିଟ୍‌ଲରଙ୍କ ସହିତ ଇଭାଙ୍କର ଦେଖାସାକ୍ଷାତ୍ ବଢୁଥାଏ । ଆଉ ତା'ଭିତରେ ସେମାନଙ୍କ ଭିତରର ପ୍ରେମ ବି । ସେତେବେଳେ ଅବଶ୍ୟ ହିଟଲର୍ ସ୍ୱେଚ୍ଛାଚାରୀ ନ ଥିଲେ ।

ଅନେକଙ୍କ ମତରେ ଇଭାଙ୍କ ସହିତ ଜଡିତ ହେବା ପୂର୍ବରୁ ହିଟ୍‌ଲର ତାଙ୍କର ସାବତ ଭଉଣୀ ଏଞ୍ଜେଲାଙ୍କ ଝିଅ ଗେଲି ରୋବାଲଙ୍କ ପ୍ରତି ଦୁର୍ବଳ ହୋଇ ପଡ଼ିଥିଲେ । ଲୁଡଉଇଗ ମ୍ୟାକ୍ସମିଲାନ ୟୁନିଭର୍ସିଟିରେ ମେଡିସିନ ନେଇ ପଢ଼ିବା ସମୟରେ ହିଟ୍‌ଲରଙ୍କ ଘରେ ଆସି ରହୁଥିଲେ ଗେଲି । ଆଉ ସେତେବେଳେ ହିଁ ହିଟ୍‌ଲର ଗେଲିଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବା ଆରମ୍ଭ କରନ୍ତି ଏବଂ ତାଙ୍କ ପ୍ରତି ଦୁର୍ବଳ ହୋଇପଡ଼ନ୍ତି । କିନ୍ତୁ ତରୁଣୀ ଗେଲି ହିଟ୍‌ଲରଙ୍କ ବ୍ୟକ୍ତିଗତ ଗାଡ଼ି ଚାଳକ ଏମିଲ ମରିସଙ୍କୁ ଭଲପାଇ ବସିଥିଲେ । ଏକଥା ଜାଣିପାରି ହିଟ୍‌ଲର ମରିସଙ୍କୁ ଚାକିରିରୁ ବରଖାସ୍ତ କରିବା ସହ ଗେଲିଙ୍କ ପଛରେ ଜଣେ ଲୋକଙ୍କୁ ଲଗାଇଥିଲେ । ତାଙ୍କୁ ଏକପ୍ରକାର ନଜରବନ୍ଦୀ କରି ରଖିଥିଲେ ହିଟ୍‌ଲର । ଗେଲି ଭିଏନାକୁ ଚାଲିଯିବାକୁ ଚାହିଁଥିଲେ, କିନ୍ତୁ ହିଟ୍‌ଲର ସେଥିରେ ମଧ୍ୟ ବାଧା ଦେଇଥିଲେ । ୧୯୩୧ ମସିହା ସେପ୍ଟେମ୍ବର ୧୮ ତାରିଖ ଦିନ ହିଟ୍‌ଲର ଏବଂ ଗେଲିଙ୍କ ଭିତରେ ଚରମ ଅଶାନ୍ତି ହୁଏ ଏବଂ ଗେଲି ମାତ୍ର ୨୩ ବର୍ଷ ବୟସରେ ହିଟଲରଙ୍କ ରାଇଫଲ ନେଇ ନିଜ ଛାତିରେ ଗୁଳିବିଦ୍ଧ କରି ଆତ୍ମହତ୍ୟା କରନ୍ତି । ଗେଲିଙ୍କ ଆତ୍ମହତ୍ୟା ପରେ ହିଟଲର୍ ଖୁବ୍ ଭାଙ୍ଗି ପଡ଼ିଥିଲେ ଏବଂ ଏହି ସମୟରେ ତାଙ୍କ ଜୀବନକୁ ଆସିଥିଲେ ଇଭା ବ୍ରାଉନ୍ ।

ପ୍ରାଥମିକ ଅବସ୍ଥାରେ ଇଭାଙ୍କୁ ନେଇ ହିଟ୍‌ଲରଙ୍କ ମନରେ ସନ୍ଦେହ ଥିଲା । ସେ ଭାବୁଥିଲେ ଯେ ଇଭାଙ୍କ ଦେହରେ ଇହୁଦି ରକ୍ତ ପ୍ରବାହିତ ହେଉଛି । ତେଣୁ ସେ ଗୋଇନ୍ଦା ଲଗାଇ ଇଭାଙ୍କ ପରିବାର ବିଷୟରେ ବୁଝି ଜାଣିଲେ ଯେ ଇଭା ଏରିୟାନ ଅର୍ଥାତ୍ ଆର୍ଯ୍ୟ ରକ୍ତର ଅଧିକାରିଣୀ । ହିଟ୍‌ଲର ଇହୁଦିମାନଙ୍କୁ ଘୃଣା କରିବା ପଛରେ ମଧ୍ୟ ରହିଛି ଗୋଟିଏ ପ୍ରେମ କାହାଣୀ । ୧୯୦୬ ମସିହା, ଭିଏନାର ଫୁଟ୍‌ପାଥ୍‌ରେ ବସି ଚିତ୍ର ଆଙ୍କୁଥିଲେ ଜଣେ ଶିଳ୍ପୀ, ଯାହାଙ୍କ ବୟସ ଥିଲା ମାତ୍ର ୧୮ ବର୍ଷ । ଦିନେ ସେହି ଶିଳ୍ପୀଙ୍କ ପାଖକୁ ଚିତ୍ର ଆଙ୍କିବା ପାଇଁ ଆସିଲେ ଜଣେ ଷୋହଳ ବର୍ଷୀୟା ସୁନ୍ଦରୀ କନ୍ୟା । ଯାହାଙ୍କୁ ଦେଖି ଏକତରଫା ପ୍ରେମରେ ପଡିଯାଆନ୍ତି ସେହି ଶିଳ୍ପୀ । ଏହା ପରଠାରୁ ସେ ସେହି ଝିଅର ଘରପାଖରେ ଅନବରତ ଘୂରି ବୁଲିଲେ । ସୁଯୋଗ ପାଇ ଦିନେ ନିଜର ଭଲପାଇବା କଥା କହିଲେ ସେ ଝିଅକୁ । କିନ୍ତୁ ଝିଅଟିର କୌଣସି ଉତ୍ତର ନ ଥିଲା । ସେହି ଝିଅଟିର ନାମ ଥିଲା ଷ୍ଟିଫାନି ଆଇଜାକ, ସେ ଥିଲେ ଜଣେ ଇହୁଦି ବଡ଼ ବ୍ୟବସାୟୀଙ୍କ ଝିଅ । ଆଉ ସେହି ଶିଳ୍ପୀଙ୍କ ନାମ ଥିଲା ଆଡ୍‌ଲଫ୍ ହିଟ୍‌ଲର । ସେତେବେଳେ ହିଟ୍‌ଲରଙ୍କ ସ୍ୱପ୍ନ ଥିଲା ଯେ ସେ ଜଣେ ବିଖ୍ୟାତ ଚିତ୍ରଶିଳ୍ପୀ ହେବେ । ହିଟ୍‌ଲର ଷ୍ଟିଫାନିଙ୍କୁ ମନ କଥା କହିବା ପରେ ମଧ୍ୟ ଯେତେବେଳେ କୌଣସି ଉତ୍ତର ପାଇ ନ ଥିଲେ, ତେଣୁ ସେ ମଝିରେ ମଝିରେ ନିଜ ପୋଷା କୁକୁର ମୁହଁରେ ପ୍ରେମପତ୍ର ଦେଇ ତାକୁ ଷ୍ଟିଫାନିଙ୍କ ଗେଟ ଭିତରେ ପୂରାଇ ଦେଉଥିଲେ । ଏହି ଘଟଣା ଷ୍ଟିଫାନିଙ୍କ ପରିବାର ଲୋକଙ୍କ ନଜରରେ ପଡ଼େ । ଗୋଟିଏ ସାଧାରଣ ଯୁବକ, ଯାହାର କୌଣସି ପାରିବାରିକ ମର୍ଯ୍ୟାଦା ନାହିଁ, ସେ ପୁଣି ଇହୁଦି ନୁହେଁ, ସେଭଳି ଜଣେ ଯୁବକ ଯେ ତାଙ୍କ ଝିଅକୁ ପ୍ରେମ ନିବେଦନ କରିବ ଏକଥା ଷ୍ଟିଫାନିଙ୍କ ପିତା ଗ୍ରହଣ କରିପାରି ନ ଥିଲେ । ଆଉ ତାଙ୍କୁ ଘର ଆଗରେ ବୁଲାବୁଲି କରିବା ପାଇଁ ବାରଣ କରନ୍ତି । ବାରଣ ସତ୍ତ୍ୱେ ମଧ୍ୟ ହିଟ୍‌ଲର ନିୟମିତ ପ୍ରେମପତ୍ର ପଠାଉଥାନ୍ତି । ଦିନେ ହିଟ୍‌ଲର କୁକୁର ପାଟିରେ ପ୍ରେମପତ୍ର ପଠାନ୍ତି କିନ୍ତୁ ଦିନ ଶେଷ ହୋଇ ରାତି ହେବା ପରେ ମଧ୍ୟ ତାଙ୍କର ପ୍ରିୟ କୁକୁର ଆଉ ଫେରେ ନାହିଁ । ପରଦିନ ସକାଳେ ତାଙ୍କ ପ୍ରିୟ କୁକୁରର ମୃତଦେହ ମିଳେ ଷ୍ଟିଫାନିଙ୍କ ଘର ଆଗରେ । କୁକୁରଟି ଥିଲା ହିଟ୍‌ଲରଙ୍କ ଅତି ପ୍ରିୟ କାରଣ ସେ ଥିଲା ତାଙ୍କ ମା' ଦେଇଥିବା ଶେଷ ଉପହାର । ଏହା ପରଠାରୁ ହିଟ୍‌ଲର ଆଉ କୌଣସି ଦିନ ଷ୍ଟିଫାନିଙ୍କ ଘର ଆଗକୁ ଯାଇ ନାହାନ୍ତି ।

**ସତରେ ! ପ୍ରେମ କାହାକୁ ବି ହୋଇପାରେ, ସେଇଥିପାଇଁ ବୋଧେ ସମଗ୍ର ବିଶ୍ୱରେ କ୍ରୁର ଓ ସ୍ୱେଚ୍ଛାଚାରୀ ଶାସକଭାବେ ପରିଚିତ ହିଟଲର୍ ବି ଏଥିରୁ ବାଦ୍ ଯାଇ ନ ଥିଲେ...**

ଐତିହାସିକମାନେ ମନେକରନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲର ୬୩ ଲକ୍ଷ ଇହୁଦିଙ୍କୁ ହତ୍ୟା କରିଥିଲେ, ତାହା ପଛରେ ହୁଏତ ଷ୍ଟିଫାନିଙ୍କ ପ୍ରତି ହିଟ୍‌ଲରଙ୍କ ପ୍ରେମ ମିଶ୍ରିତ ଘୃଣା ହିଁ ଦାୟୀ ।

ଷ୍ଟିଫାନିଙ୍କ ପରେ ସମ୍ଭବତଃ ଯେଉଁ ନାରୀଙ୍କ ସହିତ ହିଟ୍‌ଲରଙ୍କ ଘନିଷ୍ଠ ସମ୍ପର୍କ ଗଢ଼ିଉଠିଥିଲା ସେ ହେଉଛନ୍ତି ଜଣେ ବ୍ରିଟିଶ ରମଣୀ । ତାଙ୍କର ନାମ ଉଇନିଫ୍ରେଡ ଓ୍ୱାଗନାର୍ । ସମସ୍ତେ ମନେ କରୁଥିଲେ ଯେ ହିଟ୍‌ଲର ବୋଧହୁଏ ଏଥର ବିଧବା ଉଇନିଫ୍ରେଡଙ୍କୁ ବିବାହ କରିବେ । କିନ୍ତୁ ତାହା ହୋଇ ନ ଥିଲା । ସେ କେବଳ ଶେଷଯାଏ ବନ୍ଧୁ ହୋଇ ରହିଥିଲେ ।

ଇଭା ବ୍ରାଉନଙ୍କ ସହିତ ଜଡ଼ିତ ହେବା ପୂର୍ବରୁ ଏବଂ ପରେ ଏକାଧିକ ନାରୀଙ୍କ ସହିତ ହିଟ୍‌ଲରଙ୍କ ସମ୍ପର୍କ ଥିବା ଶୁଣିବାକୁ ମିଳେ । ସେହି ନାରୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ମାଗଦା ଗୋୟେବଲସ । ଏହି ମାଗଦା ଥିଲେ ନାଜି ବାହିନୀର ପ୍ରୋପାଗଣ୍ଡା ମିନିଷ୍ଟର ଜୋସେଫ ଗୋୟେବଲସଙ୍କ ସ୍ତ୍ରୀ । ହିଟ୍‌ଲରଙ୍କ ସହିତ ମାଗଦାଙ୍କ ଘନିଷ୍ଠ ସମ୍ପର୍କ କଥା ସ୍ୱାମୀ ଜୋସେଫ ଜାଣିଥିଲେ । ହିଟ୍‌ଲରଙ୍କ ମୃତ୍ୟୁ ପରେ ମାଗଦା ଏବଂ ଓ ଜୋସେଫ ଆତ୍ମହତ୍ୟା କରିବା ସହ ନିଜର ୬ ସନ୍ତାନଙ୍କୁ ହତ୍ୟା କରିଥିଲେ । ହିଟ୍‌ଲରଙ୍କ ସହିତ ଜଡିତ ଥିଲେ ଆଉଜଣେ ନାରୀ । ତାଙ୍କର ନାମ ଥିଲା ଏମି ଗୋୟେରିଂ । ଏମି ଜଣେ ଜର୍ମାନ ଅଭିନେତ୍ରୀ ଥିଲେ ଏବଂ ନାଜି ଲୁଫଟୟାଫେ ବାହିନୀର କମାଣ୍ଡର ଇନ୍ ଚିଫ୍ ହରମ୍ୟାନ ଗୋୟେରିଂଙ୍କର ସ୍ତ୍ରୀ । ଏମି ଏବଂ ହିଟ୍‌ଲରଙ୍କ ଘନିଷ୍ଠ ସମ୍ପର୍କର କଥା ଇଭା ବ୍ରାଉନ ଜାଣିଥିଲେ । ସେଥିପାଇଁ ସେ ଏମିଙ୍କୁ ଆଦୌ ପସନ୍ଦ କରୁ ନ ଥିଲେ ।

ଏହାବ୍ୟତୀତମଧ୍ୟତତ୍କାଳୀନଜନପ୍ରିୟନାୟିକା ରେନାଟେମୁଲାରଙ୍କସହିତମଧ୍ୟ ହିଟଲରଙ୍କର ଘନିଷ୍ଠ ସମ୍ପର୍କ ଥିଲା । ଏହି ନାୟିକା ମଧ୍ୟ ଆତ୍ମହତ୍ୟା କରିଥିଲେ । ହିଟ୍‌ଲରଙ୍କ ଏତେ ସବୁ ସମ୍ପର୍କ ପରେ ମଧ୍ୟ ଇଭା ବ୍ରାଉନ ତାଙ୍କୁ ଛାଡି ଯାଇ ନ ଥିଲେ । କିନ୍ତୁ ମାନ ଅଭିମାନ କରିବା ସହ ଦୁଇଥର ଆତ୍ମହତ୍ୟା କରିବାକୁ ଚେଷ୍ଟା ମଧ୍ୟ କରିଥିଲେ । ଶେଷଥର ଆତ୍ମହତ୍ୟା ପଦକ୍ଷେପ ନେଇ ବଞ୍ଚିଯିବା ପରେ ହିଟ୍‌ଲର ଇଭାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ତାଙ୍କୁ ସମୟ ଦେବେ । ଇଭା ଏବଂ ହିଟଲରଙ୍କ ଏତେ ଗଭୀର ସମ୍ପର୍କ ଥିବା ସତ୍ତ୍ୱେ ଜର୍ମାନର ସାଧାରଣ ଜନତା ଏ ସମ୍ପର୍କରେ କିଛି ଜାଣି ନ ଥିଲେ । ଇଭାଙ୍କର ଅଧିକାଂଶ ସମୟ ଓବାରସାଲଜବାର୍ଗରେ କଟୁଥିଲା । ଯେଉଁଠି ହିଟ୍‌ଲର ଅବସର ସମୟ କାଟୁଥିଲେ । ଇଭାଙ୍କ ଡାଏରୀରୁ ଜଣାଯାଏ, ଇଭାଙ୍କୁ ମଦ୍ୟପାନ ଓ ଧୂମପାନ କରିବା, ସାଧାରଣ ଜନତାଙ୍କ ସମ୍ମୁଖକୁ ଯିବା, ମିଶିବା, ପାର୍ଟିରେ ନୃତ୍ୟ କରିବା ଆଦି ପାଇଁ ବାରଣ କରୁଥିଲେ ହିଟଲର୍ । ଏପରି କି ସେମାନେ କେତେବେଳେ ଘନିଷ୍ଠ ହେବେ ତାହା ମଧ୍ୟ ନିର୍ଭର କରୁଥିଲା ହିଟ୍‌ଲରଙ୍କ ମର୍ଜି ଉପରେ । ହିଟ୍‌ଲରଙ୍କୁ ବହୁତ ଭଲ ପାଉଥିବାରୁ ଇଭା ସବୁକିଛି ମାନି ନେଉଥିଲେ । ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାକୁ ବସିଲା ଏବଂ ଜର୍ମାନୀର ପରାଜୟ ନିଶ୍ଚିତ, ସେତେବେଳେ ନାଜି ନେତାମାନେ ଜର୍ମାନୀ ଛାଡି ପଳାୟନ କରିଥିଲେ ମଧ୍ୟ ଇଭା ବ୍ରାଉନ କୁଆଡ଼େ ଯାଇ ନ ଥିଲେ । ବର୍ଷ ବର୍ଷ ଧରି ଏକତ୍ର ବସବାସ କରୁଥିଲେ ମଧ୍ୟ ସେମାନେ ବିବାହ କରି ନ ଥିଲେ । ଅବଶ୍ୟ ଇଭାଙ୍କ ବିବାହର ସ୍ୱପ୍ନ ଜୀବନର ଶେଷ ଅଧ୍ୟାୟରେ ପୂରଣ ହୋଇଥିଲା । ୧୯୪୫ ମସିହା ଏପ୍ରିଲ ୨୮ ତାରିଖ ମଧ୍ୟରାତିରେ କେଇଜଣ ଅତି ଘନିଷ୍ଠଙ୍କ ଉପସ୍ଥିତିରେ ଫିଉରାର ବଙ୍କରରେ ଆଡ୍‌ଲଫ୍ ହିଟ୍‌ଲର ଏବଂ ଇଭା ବ୍ରାଉନଙ୍କର ରେଜିଷ୍ଟ୍ରି ବିବାହ ହୁଏ । ରେଜିଷ୍ଟ୍ରେଶନ କରିବା ସମୟରେ ଇଭା ତାଙ୍କ ନାମ ପାଖରେ ବ୍ରାଉନ ଲେଖିବା ପରେ ବ୍ରାଉନ କାଟି ହିଟ୍‌ଲର ଲେଖିଥିଲେ । ଏହାପରେ ଏପ୍ରିଲ ୩୦ ଦିନ ଦ୍ୱିପହରରେ ମାତ୍ର କେଇ ଘଣ୍ଟାର ବିବାହିତ ଦମ୍ପତି ହିଟ୍‌ଲର ଓ ଇଭା ପ୍ରିୟଜନଙ୍କଠାରୁ ବିଦାୟ ନିଅନ୍ତି । ଇଭା ସିଆନାଇଡ ଖାଆନ୍ତି, ଆଉ ହିଟ୍‌ଲର ସିଆନାଇଡ ଖାଇସାରିବା ପରେ ନିଜ ମୁଣ୍ଡକୁ ଗୁଳି କରନ୍ତି । ହିଟ୍‌ଲରଙ୍କ ଶେଷ ଇଚ୍ଛାପତ୍ର ଅନୁସାରେ ଘନିଷ୍ଠ ବନ୍ଧୁମାନେ ଇଭା ଓ ହିଟ୍‌ଲରଙ୍କ ଦେହକୁ ଦାହ କରି ଦିଅନ୍ତି । ଆଉ ଏଭଳି ଭାବରେ ବିଶ୍ୱର ସର୍ବଶ୍ରେଷ୍ଠ ଖଳନାୟକଙ୍କର ପ୍ରେମକାହାଣୀର ପରିସମାପ୍ତି ଘଟେ ।



ମୋ:୯୪୩୭୫୩୪୭୭୩



# ଘୁଙ୍ଗୁଡ଼ି

–ଦୀପ୍ତିମୟୀ ଶତପଥୀ

ଏବର୍ଷ ଶୀତଟା ଜମାଣିଆ ପଡ଼ିଲା। ମକର ଗଲାଣି, ହେଲେ ବି ରେଜେଇ ଛାଡ଼ିହଉନି। ଆଉ କେତେଦିନ ରହିଗଲେ ଖରାଦିନ ଘୁଞ୍ଚିଯାଆନ୍ତା। ନ ହେଲେ ଯୋଉ ଖରା....

''ମାଘ ମାସ ବାଘ ପରି ଡରଉଥିଲା ବୋଲି କହିବାକୁ ଲାଜ ଲାଗୁଛି ପିଲାଙ୍କ ଆଗରେ..'' କହିଲେ ସୁକୁମାର ।

ଚାରୁଲତା :ଶୀତରେ କୋଉ ଭଲରେ ଶୋଇହଉଚି ? ତମର ଯୋଉ କୁମ୍ଭକର୍ଣ୍ଣ ଘୁଙ୍ଗୁଡ଼ି ନିଜ ଦେହକୁ ଚାହିଁଲେ ସୁକୁମାର। ପିଲାଦିନେ ଟିକକୁ ଦେହଖରାପ ହୋଇଯାଉଥିଲା, କଷ୍ଟ ସହିପାରନ୍ତିନି ବୋଲି ନାଁ ହେଲା ସୁକୁମାର। ସେ ଦେହରେ ଏବେ ଚର୍ବି ଲାଗିଗଲାଣି। ଚାରୁଲତା କୋଉ କମ୍ ଯେ ?

:''ତମେ ଏ ଘରକୁ ଆସିଲାବେଳେ ପଇଁତାଳିଶ କେଜି ଥିଲ। ଏବେ ସତୁରି ଟପିଲଣି। ଶେଯରେ ପଡୁପଡୁ ଶୋଉଚ। ତମ ଘୁଙ୍ଗୁଡ଼ି, ଏ ବିଚରା ଶୋଉଶୋଉ ରାତି ଘଡ଼ିଏ। ସକାଳୁ ନିଦ ଭାଙ୍ଗୁନି, ଦୋଷ ମୋର ନୁହଁ। କେହି କାହାର ଘୁଙ୍ଗୁଡ଼ି ମାନିବାକୁ ପ୍ରସ୍ତୁତ ନ ଥିଲେ। ଦୁହିଁଙ୍କର ଯୁକ୍ତି ଶୁଣି ନାତି ଗୁଲୁ କହିଲା, ଆଜି ଶନିବାର। ମୁଁ ତୁମ ଦୁଇଜଣଙ୍କ ପାଖରେ ଶୋଇବି। ସକାଳୁ ତିନିଜଣ ପାର୍କ ଯିବା। ଖୁସିରେ ବୁଢ଼ାବୁଢ଼ୀ ନାତିକୁ କୋଳେଇନେଲେ। ହୋମ୍‌ୱାର୍କ, ସକାଳ ସ୍କୁଲ ଆରମ୍ଭ ହେଲାଦିନୁ ଛୁଆଟା ଗପ ଶୁଣିବାକୁ ବେଳ ପାଉନି।

ସକାଳୁ ତିନିଜଣ ଟୋପି, ସ୍ୱେଟର ପିନ୍ଧି ପାର୍କରେ ଚାଲିଲେ। ଚାରି ଘେରା ପରେ ହାଲିଆ ହୋଇ ବେଞ୍ଚରେ ବସିପଡ଼ିଲେ ସୁକୁମାର ଓ ଚାରୁଲତା। କଫିବାଲାକୁ ଡାକିଦେଇ ଗୁଲୁ ଦୋଳି ଖେଳିବାକୁ ଗଲା। ଖରା ଟିକେ କଠୋର ହେଲେ ସେମାନେ ଫେରିବେ। ଫେରିବା ଆଗରୁ ଗୁଲୁ ଜେଜେଙ୍କ ମୋବାଇଲ ଫୋନ୍ ଲଗେଇ ଦିଜଣଙ୍କୁ ଗତକାଲି ରାତିର ଘୁଙ୍ଗୁଡ଼ିର ରେକର୍ଡିଂ ଶୁଣେଇଲା। ସୁକୁମାରଙ୍କ ପାଟି ଓ ନାକରୁ ଅଦ୍ଭୁତ ମିଶ୍ରଶବ୍ଦ ରହିରହି ଫୁତ୍କାର ତୋଳୁଥିଲା। ଚାରୁଲତାଙ୍କ ପାଟିରୁ ମୃଦୁ ଭୂମିକମ୍ପର ଆଭାସ ମିଳୁଥିଲା। ଚାରୁଲତା ପ୍ରଶ୍ନ କଲେ, ''ତୁ ରାତିସାରା ଚେଇଁଥିଲୁ ?''

''ନା.... ତୁମେ ଦୁଇଜଣ ଶୋଇବାପରେ ମୁଁ ଖସିକି ମାମା ପାଖକୁ ପଳେଇଲି। ବାପାଙ୍କ ଉପରେ ଏ ଦାୟିତ୍ୱ ଥିଲା।''ସେଦିନ ଘରକୁ ଫେରିବାପରେ ଚାରୁଲତା ଓ ସୁକୁମାର ଭାରି ଲାଜଲାଜ ଦିଶୁଥିଲେ।

– ବ୍ରହ୍ମପୁର

# ଜୀବନ

–ଡ.ନିର୍ମଳ ଚନ୍ଦ୍ର ଶୂରଦେଓ

ବର୍ତ୍ତମାନ ଜୀବନଟା ଏକ
ପାଣି ଫୋଟକା
ଏବେ ଅଛି, ଆଉ ଟିକକୁ ଥିବ କି ନା !
ଅତୀତର ଜୀବନ
ସପ୍ତରଙ୍ଗର ଇନ୍ଦ୍ରଧନୁଟିଏ
କିଛି କ୍ଷଣ ପରେ ଲିଭିଗଲା
ଆକାଶ ଛାତିରେ
ସ୍ମୃତି ତା'ର ଲୁଚିଗଲା
ଅନ୍ଧାରର ସେପାରିରେ।

ଭବିଷ୍ୟତର ଜୀବନ ଏକ
ମରୁ ମରିଚିକା,
ପାଇବା ନ' ପାଇବା ଦୁଃଖ ସୁଖର
ଏକ ଅମୃତ ସ୍ୱପ୍ନଟିଏ।

ଜୀବନ ଏକ ରଙ୍ଗଶାଳା
କେଉଁଠି ଅନ୍ଧାର ତ' କେଉଁଠି
ଆଲୋକ,
କିଏ ଜାଣେ ଏଠି କେତେବେଳେ ମରିବାକୁ
ହୁଏ ତ' କେତେବେଳେ ବଞ୍ଚିବାକୁ ହୁଏ
ଆଶାର ବାଡିକୁ ଜାବୁଡି ଧରି
ଯାହା ଆଗକୁ ଆଗକୁ ପାଦ
ପକେଇବାକୁ ପଡେ
ଅନିଚ୍ଛାରେ।

–ପୁରୁଣାସହର
ମୋ: ୯୯୩୮୩ ୦୯୬୫୨

# ଶେଷକଥା..

–ରଜତ ମହାନ୍ତି

ଜଳାଇଲୁ ଦୁଃଖନାହିଁ
ଖାଲି ଯାହା
ଦୁଃଖ ମୋ ଏତିକି,
ଆସି ବି ତୁ, ଦେଖିଲୁନି ଥରେ
ଜଳିଲି ମୁଁ
କେତେ ଓ କେମିତି॥

–ବଳଗଣ୍ଡି, ପୁରୀ
ମୋ: ୮୯୦୮୦୬୬୫୬୨



# ଦ୍ୱନ୍ଦ୍ୱରେ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ଟିକେ ଟେନ୍‌ସନ୍‌ରେ ପଡିଯାଇଛନ୍ତି। କାରଣ ତାଙ୍କୁ ନିକଟରେ ଏକାଥରେ ତିନୋଟି ଅଫର୍ ମିଳିଛି। ତା'ଭିତରୁ କେଉଁଟିକୁ ହଁ ଭରିବେ ଆଉ କାହାକୁ ମନା କରିବେ ସେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ''ନିକଟରେ ମୋତେ ଏକାଥରେ ତିନୋଟି ବଲିଉଡ୍ ଅଫର ମିଳିଛି। ଅବଶ୍ୟ ଏସବୁ ଏବେ କଥାବାର୍ତ୍ତା ସ୍ତରରେ ଅଛି। କିନ୍ତୁ ପ୍ରଯୋଜନା ସଂସ୍ଥାର ବିଶ୍ୱାସ ରହିଛି ଯେ, ଏହି ତିନୋଟି ଅଫର୍‌କୁ ମୁଁ ନିଶ୍ଚୟ ଗ୍ରହଣ କରିବି। ଏବେ ଯେହେତୁ ମୋ ପାଖରେ ସମୟ ନାହିଁ ତେଣୁ ଏହାକୁ ନେଇ ମୁଁ ଦ୍ୱନ୍ଦ୍ୱରେ ପଡିଛି। ତଥାପି ଖୁବ୍ ଶୀଘ୍ର ଏ ବିଷୟରେ ଶେଷ ନିଷ୍ପତ୍ତି ନିଶ୍ଚୟ ନେବି।'' ବର୍ତ୍ତମାନ ପ୍ରିୟଙ୍କା ଅଭିନୟ କରିଥିବା ହଲିଉଡ୍ ସିନେମା-'ଦ ବ୍ଲଫ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ତା'ସହ 'ବାରଣାସୀ' ଟାଇଟଲବିଶିଷ୍ଟ ଏକ ତାମିଲ ଫିଲ୍ମରେ ମଧ୍ୟ ସେ ଅଭିନୟ କରୁଛନ୍ତି। ୨୦୦୦ରେ ସେ ମିସ୍ ୱାର୍ଲ୍ଡ ଟାଇଟଲ ହାସଲ କରିଥିଲେ। ପ୍ରିୟଙ୍କାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୨ରୁ। ଆଉ ତାହା ଥିଲା ଏକ ତାମିଲ ଫିଲ୍ମ (ଥାମିଜାନ୍)। ଠିକ୍ ଏହାର ପରବର୍ଷ 'ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'ରୁ ସେ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ।


ପ୍ରିୟଙ୍କା

# ଅପସରା

ମଣିଷ ଜୀବନ ହେଉଛି ଏଭଳି ଏକ ରାସ୍ତା ଯେଉଁଥିରେ କେତେବେଳେ ଖୁସି ତ କେତେବେଳେ ଦୁଃଖ ଭରି ରହିଥାଏ। ଜଣେ ନାରୀ କିପରି ନିଜ ଜୀବନକୁ ଅନେକ ବାଧା ବିଘ୍ନ ସତ୍ତ୍ୱେ ଆଗେଇ ନେଉଛି ଏବଂ ଶେଷରେ ତା'ର ଲକ୍ଷ୍ୟ ହାସଲ କରୁଛି ତାହାକୁ ନେଇ କାହାଣୀ ଗତି କରିଛି। ଏଭଳି ଏକ ବିଷୟବସ୍ତୁକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଅପସରା'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ବିଜୟ କାଣ୍ଡୋଇ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡିର କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ବବି ଇସଲାମ। ଖାସ୍ କଥା ହେଲା ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ବର୍ଷା ପ୍ରିୟଦର୍ଶିନୀ। ତା'ସହ ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। ସଂଳାପ ଲେଖିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଫିଲ୍ମଟିର ଶୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପୂର୍ବରୁ ଅନେକ ସିନେମାରେ ବର୍ଷା ନିଜ ଅଭିନୟ ବଳରେ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ଏହି ନୂଆ ସିନେମା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଦୃଢ଼ ଆଶା ରଖିଛନ୍ତି ବର୍ଷା।


ବର୍ଷା

# କଥା ରଖିଲେ ରଶ୍ମିକା

ରଶ୍ମିକା ମନ୍ଦାନା ଯାହା କହିଥିଲେ ତାହା ରକ୍ଷା କରିଛନ୍ତି। କଥା କ'ଣ କି ସେ ଅଭିନୟ କରିଥିବା ନୂଆ ହିନ୍ଦୀ ସିନେମା 'କକ୍‌ଟେଲ ୨'ର ଶୁଟିଂ ନିକଟରେ ଶେଷ ହୋଇଛି। ତେବେ ଶୁଟିଂ ସମୟରେ ସେ ଏହା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ କହିଥିଲେ ଯେ, ଶୁଟିଂ ଶେଷ ଦିନରେ ସେ ଏକ ସରପ୍ରାଇଜ ଦେବେ। ହେଲେ ତାହା କ'ଣ ସେ ବିଷୟରେ ସେ ଟିକିଏ ହେଲେ ସୂଚନା ଦେଇ ନ ଥିଲେ। ଶୁଟିଂ ଶେଷ ହେବା ଦିନ ସେ ସମସ୍ତଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ। କେବଳ ସେତିକି ନୁହେଁ, ସେହିଦିନ ପ୍ୟାକ୍‌ଅପ୍ ହେବା ମାତ୍ରେ ନିଜ ତରଫରୁ କେକ୍ କଟିଂ କରି ସେଲିବ୍ରେସନର ଆୟୋଜନ ମଧ୍ୟ କରିଥିଲେ। ତା'ପରେ ରାତିରେ ହୋଟେଲରେ ଡିନର ମଧ୍ୟ କରିଥିଲେ। ଏହି ଫିଲ୍ମରେ ରଶ୍ମିକାଙ୍କ ନାୟକ ସାଜିଛନ୍ତି ଶାହୀଦ କପୁର। ଏମାନଙ୍କ ବ୍ୟତୀତ କ୍ରିତି ସାନନ୍, ଅର୍ଜୁନ ରାମପାଲ ଏବଂ ଡିମ୍ପଲ କାପାଡିଆଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ହୋମି ଆଦଜାନିୟା। ଲଭ୍ ରଞ୍ଜନ ଏହାର କାହାଣୀ ରଚନା କରିଛନ୍ତି। ଭାରତ ଏବଂ ୟୁରୋପର ବିଭିନ୍ନ ସ୍ଥାନରେ ଚିତ୍ରଟିର ଶୁଟିଂ କରାଯାଇଛି। କେବଳ ରଶ୍ମିକା ନୁହନ୍ତି, ଶାହୀଦ ମଧ୍ୟ ଏହି ଫିଲ୍ମଟିର ସଫଳତାକୁ ନେଇ ଆଶା ବାନ୍ଧି ବସିଛନ୍ତି। ଫିଲ୍ମଟି ଚଳିତ ବର୍ଷ ସେପ୍ଟେମ୍ବରରେ ରିଲିଜ ହେବାର ଯୋଜନା ରହିଛି।


ରଶ୍ମିକା

# ଗାର୍ଡେନିଂରେ ମନ

ଯାମି ଗୌତମଙ୍କୁ ଯେତେବେଳେ ଟିକେ ଫୁରସତ ମିଳେ ସେତେବେଳେ ସେ କ'ଣ କରନ୍ତି ଜାଣନ୍ତି ? ଗଛ ଲଗାନ୍ତି ଏବଂ ନିଜ ବଗିଚାରେ ଥିବା ଗଛଗୁଡିକର ଯତ୍ନ ନିଅନ୍ତି। ଗାର୍ଡେନିଂ ପ୍ରତି ତାଙ୍କର ପିଲାଟି ଦିନରୁ ଆଗ୍ରହ ଥିଲା। ଆଉ ଏପର୍ଯ୍ୟନ୍ତ ତାହାକୁ ସେ ବଜାୟ ରଖିଛନ୍ତି। ଏ ବିଷୟରେ ଯାମି କହନ୍ତି, ''ସ୍କୁଲରେ ପଢ଼ିବା ସମୟରେ ପ୍ରାୟ ମୁଁ ବୃକ୍ଷରୋପଣ ସହ ଜଡିତ ଥିଲି। ସାଙ୍ଗପିଲାମାନଙ୍କ ସହ ମିଶି ସ୍କୁଲରେ ଅନେକ ଗଛ ଲଗାଇଥିଲୁ। ଏବେ ଘରେ ଏକ ବଡ଼ ଗାର୍ଡେନ କରିଛି। ସମୟ ମିଳିବା ମାତ୍ରେ ମୁଁ ବଗିଚାକୁ ଯାଇ ଗଛଗୁଡ଼ିକର ଯତ୍ନ ନେଇଥାଏ। କାରଣ ସବୁଜିମା ପରିବେଶରେ ରହିବାକୁ ମୋତେ ଭାରି ଭଲ ଲାଗେ। ଏହାସହ ଆଗାମୀ ଦିନରେ ପରିବେଶ ସୁରକ୍ଷା ନେଇ ନିଜ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା ବି ରଖିଛି।'' ଯାମି ଜଣେ ତାମିଲପ୍ରାପ୍ତ ପୋଲୋ ଡ୍ୟାନ୍ସର। ସେ ଯେତେବେଳେ ଏଲଏଲବି କରୁଥିଲେ ତାଙ୍କୁ ଅଧାରୁ ପାଠ ବନ୍ଦ କରିବାକୁ ପଡିଥିଲା। କାରଣ ଏହି ସମୟରେ ତାଙ୍କୁ ଅଭିନୟ ପାଇଁ ଅଫର ମିଳିଥିଲା।


ଯାମି

# କେବଳ ଅଫରକୁ ଅପେକ୍ଷା

ଏବେ ଆଲୋଚନା ହେଉଛି ଯେ, ଏକତା କପୁରଙ୍କ ଆଗାମୀ ଫିଲ୍ମରେ ଶ୍ରଦ୍ଧା କପୁର ନାୟିକା ସାଜିବେ। ଅସଲ କଥା ହେଲା ଛୋଟ ପରଦାରେ ଏକତାଙ୍କ ସୁପରନ୍ୟାଚୁରାଲ ଡ୍ରାମା ସିରିଜ୍ 'ନାଗିନ୍' ବେଶ୍ ଦର୍ଶକାଦୃତ ହୋଇପାରିଛି। ବର୍ତ୍ତମାନ ଏହି ସିରିଜ୍‌କୁ ସେ ଚଳଚ୍ଚିତ୍ରର ରୂପ ଦେବାକୁ ଚିନ୍ତା କରୁଛନ୍ତି। ଆଉ ଏହାର ଟାଇଟଲ ଭୂମିକାରେ ଶ୍ରଦ୍ଧା ଅଭିନୟ କରିବେ ବୋଲି ଆଲୋଚନା ହେଉଛି। ଏ ନେଇ ଶ୍ରଦ୍ଧା କହନ୍ତି, ''ଆପଣମାନଙ୍କ ପରି ମୁଁ କେବଳ ଶୁଣୁଛି। ଶୁଣାକଥାକୁ ବିଶ୍ୱାସ କରିବା ଠିକ୍ ନୁହେଁ। ଏହି ସିରିଜ୍‌ର କାହାଣୀକୁ ଆଧାର କରି ଯଦି ଫିଲ୍ମଟିଏ ନିର୍ମାଣ କରାଯାଏ, ତେବେ ତାହା ବହୁତ ଭଲ ହେବ। କାରଣ କେଉଁ କାହାଣୀକୁ କିପରି ରୂପ ଦେଲେ ତାହା ଦର୍ଶକଙ୍କ ମନକୁ ଛୁଇଁ ପାରିବ ତାହାର କାଇଦା ଏକତା ମାଡାମଙ୍କୁ ଭଲ ଭାବରେ ଜଣା। ତେବେ ଅଫର ମିଳିବା ପର୍ଯ୍ୟନ୍ତ କେବଳ ଅପେକ୍ଷା ହିଁ କରିବାକୁ ପଡିବ।''


ଶ୍ରଦ୍ଧା


'ବର୍ଡର୨' ଫିଲ୍ମରେ ସନି

# ଭାଗ୍ୟବାନ ସନି

ସନି ଦେଓଲଙ୍କୁ ଯେଉଁଭଳି ଭୂମିକାଟିଏ ଦିଆଯାଉ ନା କାହିଁକି ସେ ତାହାକୁ ବେଶ୍ ସୁଚାରୁ ଭାବରେ ତୁଲାଇଥାଆନ୍ତି। ବିଶେଷଭାବରେ ଦେଶାତ୍ମବୋଧକ ସିନେମାରେ ତାଙ୍କର ନିଖୁଣ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା କମ୍ ହେବ। ତାଙ୍କ ଅଭିନୀତ 'ବର୍ଡର ୨' ଗତ ମାସ ୨୩ ତାରିଖରେ ରିଲିଜ ହୋଇଥିଲା। ଫିଲ୍ମଟି ବକ୍ସ ଅଫିସରେ ୪୦୦କୋଟି କ୍ଲବରେ ପ୍ରବେଶ କରି ସାରିଛି। ଏ ବିଷୟରେ ସନି କହନ୍ତି, ''ଏହି ଫିଲ୍ମ ସହ ଯେବେ ଠାରୁ ଜଡିତ ହେଲି ସେହି ସମୟରୁ ମୋର ହୃଦବୋଧ ହୋଇଥିଲା ଯେ, ସିନେମାଟି ନିଶ୍ଚୟ ହିଟ୍ ହେବ। ଶୁଟିଂ ସମୟରେ ନିର୍ଦ୍ଦେଶକ ଏବଂ କଳାକାରମାନେ ନିଜ ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇଥିଲେ, ଯାହାର ଫଳ ଏବେ ମିଳିଛି।'' ଭୂଷଣ କୁମାରଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅନୁରାଗ ସିଂ। ଏଥିରେ ବରୁଣ ଧାୱନ, ଆହାନ ସେଟ୍ଟି, ମୋନା ସିଂ ଏବଂ ସୋନମ ବାଜୱା ମଧ୍ୟ ଅଭିନୟ କରିଛନ୍ତି। ଏହାର କାହାଣୀ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ଉପରେ ଆଧାରିତ। ୨୭୫ କୋଟି ବ୍ୟୟରେ କେବଳ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମଟି ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୩୫ କୋଟିରୁ ଉର୍ଦ୍ଧ୍ୱ ଆୟ କରିବାରେ ସକ୍ଷମ ହୋଇଛି।

### ପ୍ରଥମ ରୋଜଗାର

# ମା'ବାପାଙ୍କୁ ଟିକିଏ ଖୁସି ଦେବାକୁ ଚେଷ୍ଟା କରିଥିଲି

**ଲେଖକ ଶ୍ୟାମାକାନ୍ତଙ୍କର ମହାନ୍ତି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



ଏତେ ବର୍ଷ ପରେ ନିଜ ପହିଲି ରୋଜଗାରର ପୁଲକ ବିଷୟରେ କିଛି ଲେଖିବାକୁ ଆରମ୍ଭ କଲା ବେଳେ ଟିକେ ଭାବପ୍ରବଣ ହୋଇ ଉଠୁଛି ମନ। ଦୃଶ୍ୟପଟ୍ଟରେ ଭାସି ଆସୁଛି ମୋ ପିଲାଦିନ, ଶିକ୍ଷା ଓ କର୍ମସଂସ୍ଥାନ ତଥା ରୋଜଗାର ପାଇଁ ଉଦ୍ୟମ। ଜନ୍ମ ମୋର ପୁରୀରେ। କିନ୍ତୁ ବାପାଙ୍କ ସରକାରୀ ଚାକିରି ଓ ବିଭିନ୍ନ ସ୍ଥାନକୁ ବଦଳି ଯୋଗୁଁ ଅବିଭକ୍ତ ପୁରୀ ଜିଲାର ଓଡ଼ଗାଁ, ବେଗୁନିଆ ଓ ବାଣପୁରରେ ମୋର ସ୍କୁଲ ଜୀବନ ବିତିଥିଲା। ପିଲାବେଳୁ ମୋର ସ୍ୱାସ୍ଥ୍ୟ ଦୁର୍ବଳ ଥିଲା, କିନ୍ତୁ ପାଠପଢ଼ାରେ ଥିଲି ବେଶ୍ ମେଧାବୀ। ଉଭୟ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇବା ସହ ସପ୍ତମ ଶ୍ରେଣୀରେ ଏନ.ଆର୍.ଟି.ଏସ. ପରୀକ୍ଷାରେ ବି କୃତିତ୍ୱ ଅର୍ଜନ କରିଥିଲି। ମାଟ୍ରିକ ପରୀକ୍ଷାରେ ଛଅ ଶହରୁ ଅଧିକ ମାର୍କ ରଖି ବିଜେବି କଲେଜରେ ଯୁକ୍ତ ୨ ବିଜ୍ଞାନ ପଢିବା ସମୟରେ ମେରିଟ୍ ସ୍କଲାରଶିପ ବି ପାଉଥିଲି। ମା', ବାପା, ଶିକ୍ଷକ ତଥା ବନ୍ଧୁବାନ୍ଧବମାନେ ମୋଠାରୁ ଆଶା ରଖିଥିଲେ ଅନେକ। କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ କାରଣ ଓ ଅମନଯୋଗିତା କାରଣରୁ ମୋ ପ୍ରଦର୍ଶନରେ ଆସିଥିଲା ଅସ୍ଥିରତା। ୧୯୯୬ ମସିହାରେ ବାପା ଅବସର ନେଇ ନିଜ ବାସସ୍ଥାନ ପୁରୀ ମାର୍କଣ୍ଡେଶ୍ୱର ସାହିକୁ ଫେରିଲା ବେଳକୁ ମୁଁ ଇଞ୍ଜିନିୟରିଂ ପଢ଼ା ସାରିଥିଲେ ବି ଭଲ ରୋଜଗାର ହେଉଥିବା ଚାକିରିଟିଏ ଯୋଗାଡ଼ କରିପାରି ନ ଥିଲି। ଯଦିଓ ବାପାଙ୍କ ଚାକିରି କାଳ ଭିତରେ ଭଉଣୀମାନେ ବାହା ହୋଇ ସାରିଥିଲେ ଓ ବଡ଼ଭାଇ ଚାକିରି କରି ସାରିଥିଲେ କିମ୍ବା ସେ ମୋ ଉପରେ ଆର୍ଥିକ ଭାବରେ ନିର୍ଭରଶୀଳ ନ ଥିଲେ, ତଥାପି ତାଙ୍କୁ କିଛି ସାହାଯ୍ୟ କରିପାରୁ ନ ଥିବାର ଗ୍ଲାନି ମୋ ଭିତରେ ଜମାଟ ବାନ୍ଧୁଥିଲା। କିଛିଦିନ ପରେ ଯାଜପୁରସ୍ଥିତ ନୀଳାଚଳ ଇସ୍ପାତ ନିଗମରେ ଚାକିରିରେ ଯୋଗଦାନ କଲି। ପ୍ରଥମ ଦୁଇ ବର୍ଷ ଥିଲା ଟ୍ରେନିଂ ପିରିୟଡ଼ ଆଉ ଦରମା ଥିଲା କମ୍।

କୁହାଯାଏ, ସ୍ୱପ୍ନଠାରୁ ବାସ୍ତବତାର ବ୍ୟବଧାନ ଯେତେବେଳେ ଢେର୍ ଅଧିକ ହୋଇଯାଏ ମଣିଷ ଖୁସି ଥାଇ ବି ଖୁସି ଜାହିର କରି ପାରେନା। ସତ କହିବାକୁ ଗଲେ, ମୋ ଜୀବନର ପହିଲି ରୋଜଗାର ଏତେ ଆଶାନୁରୂପ ନ ଥିଲା ଯେ, ସେଥିରେ ମୁଁ ପୁଲକିତ ହୋଇ ପାରିଥାନ୍ତି। ସେ ସମୟ ସବୁରେ ବାପାଙ୍କୁ କିମ୍ବା ବୋଉର ହାତକୁ କିଛି ଅର୍ଥ ବଢାଇ ଦେବାର ସତ୍ ସାହସ ମୋର ନ ଥିଲା। ତେବେ ପ୍ରତିଥର ଘରକୁ ଆସିଲେ ମଟନ୍ ଆଣିବା, ବାପା ବୋଉଙ୍କ ପାଇଁ ଔଷଧ କିଣିବା, ବାପାଙ୍କ ପାଇଁ ଶାର୍ଟ କି ଚପଲ କିଣିବା, ବୋଉ ପାଇଁ ସାଲ କି ଶାଢ଼ି କିଣିବା ଇତ୍ୟାଦି କାମ କରୁଥିଲି। ସେଥିରେ ବାପା କେତେ ଖୁସି ହେଉଥିଲେ ଜାଣେନା। ଆଖିଦୃଶିଆ ଦରମା ପାଇଲା ବେଳକୁ ୨୦୦୧। ସେତେବେଳକୁ ବୋଉଠୁ ଶୁଣିଲି, ଘର ତିଆରି କାମ ପାଇଁ ବାପା କରିଥିବା ପଚାଶ ହଜାର ଟଙ୍କାର ଗୋଟେ ଲୋନ୍ ଅଛି। କିଛି ମାସ ପରେ ବାପାଙ୍କ ସହିତ ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କ୍ ଯାଇ ମୋ ପଇସାରେ ସେ ଲୋନ୍ କ୍ଲିଅର କରିଥିଲି। ସେଦିନ ଘରକୁ ଫେରିଲା ପରେ ବାପାଙ୍କ ମୁହଁର ଖୁସିର ଚମକ ମୋତେ ପୁଲକିତ କରିଥିଲା ନିଶ୍ଚୟ।

ଉଭୟ ଓଡ଼ିଆ ଇଂଲିଶ ଭାଷାରେ ପ୍ରବଳ ଦକ୍ଷତା ରଖିଥିବା ମୋ ବାପା ସୁନ୍ଦର ଜଣାଣ, ଭଜନ ଓ କବିତା ଲେଖୁଥିଲେ। ହୁଏତ ସେଇ ସୂତ୍ରରୁ କଲେଜ ପଢିବାବେଳୁ ମୋ ଭିତରେ କବି ସତ୍ତାଟିଏ ଅଙ୍କୁରିତ ହୋଇ ସାରିଥିଲା। ବିନା କିଛି ଆଶା ରଖି କବିତା ଲେଖୁଥିବା ବିଚରା କବିଟିଏ ପାଇଁ ପ୍ରକାଶିତ ଲେଖାଟିଏ ସାହିତ୍ୟିକ ଜୀବନର ରୋଜଗାର ବୋଲି ମୁଁ କହିପାରେ। ସେ ଦୃଷ୍ଟିରୁ ୧୯୯୪ ମସିହାରେ ଏକ ଦୈନିକ ଖବରକାଗଜରେ ମୋର ପ୍ରଥମ କବିତା ପ୍ରକାଶିତ ହେବାର ଘଟଣା ଏବେ ବି ମୋତେ ପୁଲକିତ କରେ ।

# ସ୍ୱପ୍ନସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ

**ପ୍ରଶ୍ନ**–ଜଣେ ଅଜଣା ଝିଅ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ପ୍ରସନ୍ନ କୁମାର, ବାରିପଦା*

**ଉତ୍ତର:** ସେହି ଅଜଣା ଝିଅର କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। 'ସ୍ୱପ୍ନସୁନ୍ଦରୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ'। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ଯା' ଭିତରେ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅମନ ସାହୁ, ବଲାଙ୍ଗୀର*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ, ଆପଣଙ୍କ ଆଶା ପୂରଣ ହୋଇଯିବ।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*–ବିକ୍ରାନ୍ତ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ସୁଜିତ, ଜଗତସିଂହପୁର*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି, ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି।



**ସାଥୀ**

# ଜୀବନର ମଧୁର ବୀଣା: ସୁରେନ୍ଦ୍ର ଓ ପ୍ରବୀଣା

**ନିଜ ଅହଂକୁ ଗୌଣ କରି ଅନ୍ୟର ପ୍ରସ୍ଫୁଟନ ପାଇଁ ଢାଳି ହୋଇଯିବା ହିଁ ପ୍ରେମ । ଏହା ଦୁଇ ଅସ୍ତିତ୍ୱକୁ ଅନନ୍ୟ ଓ ଏକ କରି ଗଢି ତୋଳେ। ଏଭଳି ଜୀବନ ଜିଉଁଥିବା ଦୁଇ ପ୍ରେମପକ୍ଷୀ ହେଲେ କଥାଶିଳ୍ପୀ ପ୍ରବୀଣା ମହାନ୍ତି ଏବଂ ତାଙ୍କ ଜୀବନସାଥୀ ସୁରେନ୍ଦ୍ର କୁମାର ମହାନ୍ତି ।**





**ସ**ର୍ଜନଶୀଳତା କେଉଁଠି ଥାଏ ? କାହାଣୀ ଉକୁଟାଇବା, କବିତା ଲେଖିବା, ଚିତ୍ର ଆଙ୍କିବା, ଗୀତ ଗାଇବା, ନୃତ୍ୟ କରିବା ଇତ୍ୟାଦିରେ ତ ଥାଏ, କିନ୍ତୁ ତାହା ଏତିକିରେ ସୀମିତ ନୁହେଁ। ସମ୍ପର୍କର ପରିଧି ଭିତରେ ଅନ୍ୟର ପ୍ରତିଭାକୁ ଠଉରାଇବା, ତାକୁ ମୂଲ୍ୟ ଦେବା ଓ ମାଳି ପରି ସର୍ଜନ ବଗିଚାର ଯତ୍ନ ନେବା ବୋଧହୁଏ ସର୍ଜନର ଶ୍ରେଷ୍ଠତମ ପରିପ୍ରକାଶ। ଅନ୍ୟକୁ ପଲ୍ଲବିତ କରିବାର ଅନ୍ୟ ନାଁ ସର୍ଜନ । ନିଜ ଅହଂକୁ ଗୌଣ କରି ଅନ୍ୟର ପ୍ରସ୍ଫୁଟନ ପାଇଁ ଢାଳି ହୋଇଯିବା ହିଁ ପ୍ରେମ । ଏହା ଦୁଇ ଅସ୍ତିତ୍ୱକୁ ଅନନ୍ୟ ଓ ଏକ କରି ଗଢି ତୋଳେ। ଏଭଳି ସ୍ୱତଃସ୍ଫୂର୍ତ୍ତ ନିବେଦିତ– ପ୍ରାଣ ଜୀବନ ଜିଉଁଥିବା ଦୁଇ ପ୍ରେମପକ୍ଷୀ ହେଲେ କଥାଶିଳ୍ପୀ **ପ୍ରବୀଣା ମହାନ୍ତି** ଏବଂ ତାଙ୍କ ଜୀବନସାଥୀ **ସୁରେନ୍ଦ୍ର କୁମାର ମହାନ୍ତି ।**

ବିବାହ ପୂର୍ବରୁ ଯଦିଓ ପରିଚୟ ଥିଲା, କିନ୍ତୁ ବିବାହର ନିଷ୍ପତ୍ତି ନେଇଥିଲେ ଉଭୟଙ୍କ ପରିବାରର ଗୁରୁଜନ । ଜୁନ୍ ୧୪ ,୧୯୫୨ରେ ଫଳପୁର, ଭଦ୍ରକରେ ଜନ୍ମ ସୁରେନ୍ଦ୍ରଙ୍କ ସହ ପ୍ରବୀଣାଙ୍କ ବିବାହ ହୁଏ ୧୯୭୫ ଫେବୃଆରୀ ୫ତାରିଖରେ। ରାଜ୍ୟ ସଚିବାଳୟରେ କାର୍ଯ୍ୟ କରି ଅବସର ନେଇଥିବା ସୁରେନ୍ଦ୍ର ଜଣେ ଅତ୍ୟନ୍ତ ହୃଦୟବାନ ମଣିଷ । ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତେ ଜାଣିଯାଆନ୍ତି ତାଙ୍କ ହୃଦୟବତ୍ତାର କଥା । ତେଣୁ ଇ ତ ସ୍ୱଚ୍ଛନ୍ଦରେ ଫଟୋ ଉଠେଇବାକୁ ପୁଚ୍ଛ ମେଲେଇ ଫଟୋର ପୋଜ ଦିଏ ମୟୂର, ଗଛ ଡାଳରେ ଗୀତ ଗାଉଥିବା କୋଇଲି କି କନିଅର ଅଥବା ମାଙ୍କଡ଼। ଶିଶିରସ୍ନାତ କଇଁ ହେଉ କି ଅପରାଜିତା, ବୁଗେନଭିଲ୍ଲା, କଅଁଳା ବାଛୁରୀ କି ନିରୀହ ଠେକୁଆ, କୁକୁର । ଆଲୋକଚିତ୍ର ଉତ୍ତୋଳନ କରନ୍ତି ପ୍ରବୀଣା । ସହଯୋଗ କରନ୍ତି ସୁରେନ୍ଦ୍ର। ଅଧ୍ୟୟନରେ ଥାଇ ବିବାହ ବନ୍ଧନରେ ଆବଦ୍ଧ ହେଲେ ପ୍ରବୀଣା । ଅଠର ଦିନ ପରେ ବିଏ ପରୀକ୍ଷା ଦେଇ କୃତକାର୍ଯ୍ୟ ବି ହେଲେ। ପରେ ଏମ୍ଏ, ବିଇଡି ଓ ପିଏଚ.ଡି. ସମ୍ଭବ ହୋଇପାରିଲା ସୁରେନ୍ଦ୍ରଙ୍କ ଉତ୍ସାହ ଓ ପ୍ରେରଣାରେ । ସାଥୀ ପ୍ରତି ଯତ୍ନଶୀଳ ହେବା, ତା'ର ପଲ୍ଲବନରେ ସହାୟତା କରିବା, ତା' ପ୍ରତି ସମ୍ମାନ ଓ ସମର୍ଥନ ଅତୁଟ ରଖିବା ପୌରୁଷର ଶ୍ରେଷ୍ଠତମ ନିଦର୍ଶନ ।

ସୁରେନ୍ଦ୍ର ଜଣେ ଗମ୍ଭୀର ପାଠକ ଓ ବହିମନସ୍କ ମଣିଷ । ପଢ଼ନ୍ତି ନିୟମିତ। ଯୋଉ ବହି ତାଙ୍କୁ ଭଲ ଲାଗେ ସେଥିରେ ସେ ଚିହ୍ନ ଦେଇ ରଖନ୍ତି ଘର ତଥା ସ୍କୁଲ କାମରେ ବ୍ୟସ୍ତ ଥିବା ପ୍ରବୀଣାଙ୍କୁ ଫୁର୍‌ସତ୍‌ରେ ପଢିବାର ସୁବିଧା ନିମନ୍ତେ । ସମୟ କରି ଆଲୋଚନା କରନ୍ତି ସେହି ବହି ଅଥବା ଲେଖା ସମ୍ପର୍କରେ ।

ଲେଖାଟିଏ ଲେଖିଦେବା ପରେ ପ୍ରବୀଣା କୁହନ୍ତି, ତାଙ୍କ କାମ ସରିଯାଏ। ପରବର୍ତ୍ତୀ କାର୍ଯ୍ୟ ଯେମିତି ପତ୍ରିକାକୁ ପଠେଇବା, ଲେଖା ପ୍ରକାଶ ପାଇବା ପରେ ଲେଖକୀୟ କପି ମିଳିବା ପର୍ଯ୍ୟନ୍ତ ଅପେକ୍ଷା ନ କରି କିଣି ଆଣିବା, କ୍ରମାନ୍ୱୟରେ ସାଇତି ରଖିବା ଭଳି କାମ ସୁରେନ୍ଦ୍ର ଖୁବ୍ ଯତ୍ନର ସହିତ କରିଥାନ୍ତି । ପ୍ରବୀଣା କୁହନ୍ତି, ସୁରେନ୍ଦ୍ରଙ୍କ ସହ ସମ୍ପର୍କୀକୃତ ହେବା ପରଠାରୁ ତାଙ୍କର ଗୋଟିଏ ମଧ୍ୟ ଲେଖା ହଜି ଯାଇନାହିଁ କୁଆଡେ । ପ୍ରବୀଣାଙ୍କ ଏକାଧିକ ପୁସ୍ତକ ପ୍ରକାଶ ପାଇବା ପଛରେ ଅଛି ସୁରେନ୍ଦ୍ରଙ୍କ ଅମାପ ଆଗ୍ରହ । କେତେତମ ବହି କେଉଁ ସଂସ୍କରଣ ନେଇ ଆତ୍ମପ୍ରକାଶ କଲା, କେଉଁ ଲେଖା କେଉଁ ପତ୍ରିକାରେ ପ୍ରକାଶିତ ହେଲା ତାକୁ ସେ ଲିପିବଦ୍ଧ କରି ରଖନ୍ତି ଡାଏରୀରେ । ସବୁ ଲେଖାର ପାଣ୍ଡୁଲିପି ଏବଂ ପୋଷ୍ଟରେ, ମେଲ୍‌ରେ ଆସୁଥିବା ଅବୋଧ ପାଠକଙ୍କଠାରୁ ପ୍ରତିଷ୍ଠିତ ସାହିତ୍ୟିକଙ୍କ ଅଭିମତକୁ ସୁନ୍ଦର ସୁନ୍ଦର ଫାଇଲ କରି ସଜେଇ ରଖନ୍ତି। ସୁରେନ୍ଦ୍ରଙ୍କ ନିଜ ପାଠାଗାରରେ ଅପର୍ଯ୍ୟାପ୍ତ ବହି ତ ଅଛି, ତା' ବ୍ୟତିରେକେ ସାଇତି ରଖିଛନ୍ତି କୁନି ମ୍ୟୁଜିୟମ ପ୍ରତେ ହେଉଥିବା ପ୍ରବୀଣାଙ୍କ ସର୍ଜନ ଦୁନିଆ। ଯେଉଁଠି ପ୍ରବୀଣା ବି ସାଇତି ରଖିଛନ୍ତି ଦେଶ ବିଦେଶରୁ ତଥା ନିଜ ପରିସରରୁ ସଂଗ୍ରହ କରିଥିବା କଣ୍ଢେଇ, ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଥିବା ଗୋଡ଼ି, ପଥର, ରଙ୍ଗବେରଙ୍ଗର ମାଳିହାର, ବିଭିନ୍ନ ଆକୃତିର ଦେବପ୍ରତିମା ।

ବିବାହ ପୂର୍ବରୁ ଜଣେ ପ୍ରତିଷ୍ଠିତ କଥାଶିଳ୍ପୀ ଭାବରେ କେତେ ବେଶି ଆକର୍ଷୀ ଥିଲେ ସୁରେନ୍ଦ୍ରଙ୍କ ମନକୁ ପଚାରିଲେ ପ୍ରବୀଣା କୁହନ୍ତି, ''ମୋ ଭିତରେ ଥିବା ସର୍ଜକ ସତ୍ତା ସମ୍ପର୍କରେ ସେ ପୂର୍ବରୁ ଅବଗତ ଥିଲେ । କାରଣ ସେ ମୋତେ ଜାଣିବା ବେଳକୁ ମୁଁ ବିଏ ଶେଷ ବର୍ଷର ଛାତ୍ରୀ ଥିଲି। ମୋର ଲେଖା ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାରେ ପୁରସ୍କୃତ ହେଉଥିଲା । ଆମର ବାହାଘର ଘରେ କରିଥିଲେ। ମୁଁ ଲେଖିକା ନ ହୋଇଥିଲେ ବି ସେ ମୋତେ ବାହା ହୋଇ ଥାଆନ୍ତେ ।'' ଏହା ବି କୁହନ୍ତି ,''ଦାମ୍ପତ୍ୟ ଜୀବନର ମୂଳଦୁଆ ପରସ୍ପର ଶ୍ରଦ୍ଧା, ସମ୍ମାନ, ବିଶ୍ୱାସ ଏବଂ ନିଃସର୍ତ୍ତ ପ୍ରେମ ଉପରେ ଆଧାରିତ ହୋଇଥିଲେ ପରସ୍ପରର ପରିପୂରକ ହେବା ପାଇଁ କୌଣସି ପ୍ରୟାସର ଆବଶ୍ୟକତା ପଡ଼େନାହିଁ। ସ୍ୱତଃସ୍ଫୂର୍ତ୍ତ ଭାବରେ ଦୁହେଁ ପରସ୍ପରର ପରିପୂରକ ହୋଇ ଯାଆନ୍ତି ।'' ସେହି ପରିପୂରକତା ସ୍ପଷ୍ଟ ଦିଶେ ସେମାନଙ୍କ ଦାମ୍ପତ୍ୟରେ । ପ୍ରାତଃକାଳର ଲାଲିମା ଧରା ବକ୍ଷରେ ଧରା ନ ଦେଉଣୁ ଉଭୟେ ବାହାରିଯାଆନ୍ତି ପ୍ରାତଃ ଭ୍ରମଣରେ। ନୈସର୍ଗିକ ଆନନ୍ଦରେ ଦୁହେଁ ହଜିଯାଆନ୍ତି ମୁହୂର୍ତ୍ତମାନଙ୍କୁ ଜୀବନ୍ତ କରି। ପ୍ରବୀଣା କୁହନ୍ତି ,''ଉଦୟଭାନୁଙ୍କ ଲାଲିମା, ଆକାଶର ବ୍ୟାପ୍ତି , ମେଘର ମୟୂଖ, ପକ୍ଷୀଙ୍କ କାକଳି, ଫୁଲ, ପ୍ରଜାପତି, ମୟୂର, ଯାହା ଯାହା ମୋର ପସନ୍ଦ ସେସବୁ ଆସିଯାଆନ୍ତି ମୋର ଦୃଷ୍ଟିର ପରିସରକୁ। ଏଇ ଉପହାର ପ୍ରାପ୍ତିର ତାଲିକା ଖୁବ୍ ଲମ୍ବା। ମନ ଭରିଯାଏ, ହୃଦୟ ପୂରିଉଠେ । କୃତଜ୍ଞତା ଜଣାଏ ଈଶ୍ୱରଙ୍କୁ , ମୋର ବାପା ବୋଉଙ୍କୁ, ଏଭଳି ଜଣେ ଅନନ୍ୟ ମଣିଷଙ୍କୁ ମୋର ଜୀବନସାଥୀ ରୂପେ ଦେଇଥିବାରୁ। ମୋ ଜୀବନର ସର୍ବଶ୍ରେଷ୍ଠ ପ୍ରାପ୍ତି ସିଏ । ଈଶ୍ୱରଙ୍କୁ ପ୍ରାର୍ଥନା କରେ, ମୋ ପାଇଁ ତାଙ୍କୁ କୌଣସି କଷ୍ଟ ଭୋଗିବାକୁ ନ ପଡୁ ।'' ଯେଉଁଠି ଜଣକ ଆନନ୍ଦରେ ଆଉ ଜଣେ ଆନନ୍ଦିତ ହୁଏ, ଜଣକ ହସ ଅନ୍ୟର ଓଠରେ ସଂକ୍ରମିତ ହୁଏ, ଜଣଙ୍କ ପ୍ରଶଂସାରେ ଆଉ ଜଣେ ପୁଲକିତ ହୁଏ ସେଠାରେ ଜଣେ ଅପରର କଷ୍ଟର କାରଣ ହେବ ବା କିପରି ! ପ୍ରବୀଣା ମହାନ୍ତି କୁହନ୍ତି, ଆଦ୍ୟ ବୈବାହିକ ଜୀବନରେ ସଂଘର୍ଷ ଥିଲା ଖୁବ୍ ଜୀବନ ଓ ଜୀବିକାକୁ ନେଇ । ସମୟର ସେହି କଠିନ ରାସ୍ତାରେ ଗୋଟିଏ ପାଦ ପ୍ରବୀଣାଙ୍କର ଥିଲାବେଳେ ସମଗତିରେ ଆର ପାଦ ରହୁଥିଲା ସୁରେନ୍ଦ୍ରଙ୍କର । କେହି କାହାକୁ ପଛରେ ପକେଇବାର କି ଅତିକ୍ରମ କରିଯିବାର ନିଷ୍ଠୁର ଆନନ୍ଦ ନାହିଁ ବରଂ କେହି କେଉଁଠି ଅଟକିଗଲେ ଆର ଜଣକ ଅନୁରାଗରେ ବଢ଼େଇ ଦେଇଛନ୍ତି ହାତ ଏବଂ ସମ୍ଭାଳି ନେଇଛନ୍ତି ପାଦଚଲା କ୍ଳାନ୍ତି ତକ । ପ୍ରବୀଣା କୁହନ୍ତି, ''ସୁଦୀର୍ଘ ଏକାବନ ବର୍ଷ ଆମେ ଜୀବନପଥର ସହଯାତ୍ରୀ ହୋଇ ବାଟ ଚାଲିଛୁ । କେତେକେତେ ବାଧା, ବିପତ୍ତି, ଅଭାବ, ଅସୁବିଧାର ସମ୍ମୁଖୀନ ହୋଇ ତାକୁ ଅତିକ୍ରମ କରି ଆଗେଇ ଚାଲିଛୁ । ବୟସର ଅପରାହ୍ନରେ ମଧ୍ୟ ଜୀବନ ଜିଇଁବାର କଳାଟିକୁ ଆୟତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିଛୁ । ଆମର ଯେ କେବେ ଝଗଡ଼ା ହୁଏ ନାହିଁ, ଏକଥା ସମସ୍ତଙ୍କୁ ବିସ୍ମିତ କରେ। ମୁଁ ଯାହା, ଯେମିତି –ମୋ ଜୀବନସାଥୀ ମୋତେ ସେହିଭଳି ଭାବରେ ରଖିଛନ୍ତି। ମୋତେ ଭାଙ୍ଗିରୁଜି ତାଙ୍କର ମନମୁତାବକ ଛାଞ୍ଚରେ ପକାଇବାକୁ କେବେ ବି ଚାହିଁ ନାହାନ୍ତି। ମୋର ସମସ୍ତ ଅପାରଗତା ଓ ଅପୂର୍ଣ୍ଣତାକୁ ସେ ଉଦାର ହୃଦୟରେ ଗ୍ରହଣ କରିଛନ୍ତି। ମୋର ଅନ୍ୟମନସ୍କତା ଓ ଭୁଲାପଣକୁ ସହିଛନ୍ତି। ନିଜେ ନିଜେ ସଜାଡ଼ି ହେବାକୁ ସୁଯୋଗ ଦେଇଛନ୍ତି। ଯେତେବେଳେ ତାଙ୍କର ସହଯୋଗ ଲୋଡିଛି, ତୁରନ୍ତ ହାତ ବଢ଼ାଇ ଦେଇଛନ୍ତି।'' ପାରସ୍ପରିକ ବୁଝାମଣା ଓ ସମର୍ପଣ ଉଭୟଙ୍କ ସମ୍ପର୍କର ଆଧାର । ଭଲ ପାଇବାର ପରିଧିର ସୂକ୍ଷ୍ମାତିସୂକ୍ଷ୍ମ କଥା ଉଭୟଙ୍କୁ ଜଣା ।

**–ମାନମୟୀ ରଥ**
ମୋ:୭୯୭୮୫୭୯୩୯୯





## ହାଃ ହାଃ

### କ'ଣ ହେଇଥିଲା

ଶିକ୍ଷକ: ୧୮୬୯ରେ କୋଉ ବଡ଼ ଘଟଣା ଘଟିଥିଲା ?
ରାଜୁ: ମହାତ୍ମା ଗାନ୍ଧି ଜନ୍ମ ଗ୍ରହଣ କରିଥିଲେ ।
ଶିକ୍ଷକ: ସାବାସ୍ । ଆଚ୍ଛା, ଏବେ କହିଲ ଦେଖି ୧୮୭୨ ମସିହାରେ କ'ଣ ହେଇଥିଲା ?
ମଣ୍ଟୁ: ସାର୍ ମୁଁ କହିବି ।
ଶିକ୍ଷକ: ହଉ, କହ ।
ମଣ୍ଟୁ: ଗାନ୍ଧିଜୀଙ୍କୁ ତିନି ବର୍ଷ ବୟସ ହୋଇଥିଲା ।

### ଚୋରି

ପୋଲିସ ଚୋରକୁ: ଏତେ ହଟାକଟ୍ଟା ହେଉଛୁ, ଚୋରି କାହିଁକି କରୁଛୁ ?
ଚୋର: ଆପଣ ଓ ଆପଣଙ୍କ ପରିବାର ପାଇଁ ।
ପୋଲିସ୍: ମାନେ ? କ'ଣ କହିବାକୁ ଚାହୁଁଛୁ ?
ଚୋର: ଆମଭଳି କେତେଜଣ ଯଦି ଚୋରି ନ କରିବୁ ତା'ହେଲେ ଆପଣଙ୍କ ଚାକିରି ବିପଦରେ ପଡ଼ିଯିବ । ସରକାର ଆପଣଙ୍କୁ ଆଉ ଲୋଡିବେନି । ଆପଣଙ୍କ ଚାକିରି ଚାଲିଯିବ । ଚାକିରି ଚାଲିଗଲେ ଆପଣଙ୍କ ପରିବାର କେମିତି ବଞ୍ଚିବେ ?

### କିଏ

ଉଚ୍ଚଶିକ୍ଷିତ ରାଜେଶ ଅପାଠୁଆ ଝିଅ ମିତାକୁ ବିବାହ କରି ସହରରେ ନୂଆକରି ରହୁଥାନ୍ତି ।
ରାଜେଶ ସ୍ତ୍ରୀ ମିତାକୁ: ତମକୁ ଯଦି କେହି ପଚାରେ ମୁଁ ତୁମର କ'ଣ ହେବି, ତମେ କହିବ ସେ ମୋର 'ହଜ୍‌ବ୍ୟାଣ୍ଡ' । ଆଉ ଯଦି ପଚାରନ୍ତି ତମେ ମୋର କ'ଣ ହେବ ? କହିବ 'ୱାଇଫ୍' । ମନେ ରହିଲା ତ ?
ମିତା:ହଁ ।
ଦିନେ ଜଣେ ମହିଳା ମିତାକୁ: ଏଇ ଫ୍ଲାଟ୍‌ରେ ଯେଉଁ ବାବୁ ରୁହନ୍ତି ସେ ତୁମର କ'ଣ ହେବେ ?
ମିତା: ସେ ମୋ 'ହ୍ୟାଣ୍ଡପମ୍ପ୍' ଆଉ ମୁଁ ତାଙ୍କ 'ପାଇପ୍' ।

### କ'ଣ ଦେଖିଲ

ପପୁ ବାପାଙ୍କୁ– ବାପା ତମେ ମାମାର କ'ଣ ଦେଖି ବାହା ହେଲ ?
ବାପା– ତାଙ୍କ ଗାଲରେ ଥିବା ଛୋଟ କଳାଜାଇ ।
ପପୁ– ଏତେ ଛୋଟ ଜିନିଷ ପାଇଁ ଏତେ ବଡ ସମସ୍ୟାକୁ ମୁଣ୍ଡେଇଲ ।



# କୋକଲଗଡ଼

ଓଡ଼ିଶାର ଇତିହାସ ପ୍ରସିଦ୍ଧ ପ୍ରାଚୀନଗଡ଼ଗୁଡ଼ିକ ମଧ୍ୟରେ କୋକଲଗଡ଼ ଅନ୍ୟତମ । ଚିଲିକା ହ୍ରଦର ଉତ୍ତର ଉପକୂଳରେ ଅବସ୍ଥିତ ଏହି ଗଡ଼ର ଉତ୍ତର ଦିଗରେ ଲୁଣା ଏବଂ ପୂର୍ବ –ଦକ୍ଷିଣରେ ଭାର୍ଗବୀ ନଦୀ ପ୍ରବାହିତ ହୋଇ ପଶ୍ଚିମରେ ପ୍ରବାହିତ ହେଉଥିବା ଦୟାନଦୀ ସହିତ ଉଭୟ ଲୁଣା ଓ ଭାର୍ଗବୀ ନଦୀ ମିଳିତ ହୋଇଛି । ଏହି ଗଡ଼ର ଚତୁଃଦିଗରେ ନଦୀ ଓ ଚିଲିକାହ୍ରଦ ରହିଛି । ଖୁରୁଧା ଦର୍ପଣରେ ଏହି ଗଡ଼ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, କୋକଲ ଏକ ପ୍ରାଚୀନ ପ୍ରଧାନ ନୌ–ବନ୍ଦର ଭାବେ ପ୍ରସିଦ୍ଧି ଲାଭ କରିଥିଲା ।


'ଖୋର୍ଦ୍ଧା ଇତିହାସର ଅନ୍ତରାଳେ' ପୁସ୍ତକରୁ ଜଣାପଡ଼େ– କୋକଲଗଡ଼ର ଗଡ଼ନାୟକମାନଙ୍କ ସମ୍ବନ୍ଧରେ ଚକଡ଼ାପୋଥି ଓ ପାଇକଖେଦାରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ଥାନ ପାଇଛି । ଗଜପତି ପ୍ରତାପରୁଦ୍ର ଦେବଙ୍କ ୧୫ ଅଙ୍କରେ କଟକ ନଗର ଡଗରପଡ଼ାରେ ରାମ ପାତ୍ର ନାମକ ଜଣେ କ୍ଷମତାଶାଳୀ ଖଣ୍ଡାୟତ ସପରିବାର ବାସ କରୁଥିଲେ । ସେ ଜଣେ ବ୍ରାହ୍ମଣ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗଜପତି ତାଙ୍କୁ ଫାଶିଦଣ୍ଡ ଦେଲେ । ମାତ୍ର ରାମ ପାତ୍ରଙ୍କ ଦୁଇପୁଅ ଶିବ ପାତ୍ର ଓ ସମାଲ ପାତ୍ର ଏମାନେ ରାଜାଙ୍କ ଭୟରେ କଟକରୁ ଲୁଚି ପଳାଇଯାଇ ପୁରୀରେ ଚବିଶକୁଦର ପରିଚ୍ଛା ସାଗରେଶ୍ୱର ପାତ୍ରଙ୍କ ନିକଟରେ ଆଶ୍ରୟ ନେଲେ । ସମୟକ୍ରମେ ସାଗରେଶ୍ୱର ମୃତ ରାମ ପାତ୍ରଙ୍କ ପୁଅ ଶିବ ପାତ୍ରଙ୍କୁ ଚିଲିକା ବ୍ରହ୍ମପୁରର ଗୋବିନ୍ଦ ମାଝିଙ୍କ ଝିଅ ସହିତ ବିବାହ କରାଇଦେଲେ । କିଛିଦିନ ପରେ ଶିବ ପାତ୍ର ତାଙ୍କର ଶ୍ୱଶୁରଙ୍କୁ ହତ୍ୟାକଲେ । ଶ୍ୱଶୁରଙ୍କର କେହି ପୁଅ ନ ଥିବାରୁ ତାଙ୍କର ପୁତୁରାମାନେ ଶିବ ପାତ୍ରଙ୍କ ବିରୋଧରେ କୋକଲଗଡ଼ର ନାୟକ ଶ୍ୟାମ ମାଝିଙ୍କ ପାଖେ ଗୁହାରି କଲେ । ଫଳରେ ଶ୍ୟାମ ମାଝି ସେଠାର ଘାଟିଆଙ୍କୁ ନିର୍ଦ୍ଦେଶଦେଲେ ଯେ, ଯେପରି ଶିବ ପାତ୍ର ଏହି ଘାଟରେ ନ ଆସେ । ଯଦି ସେ ଆସେ ତାଙ୍କୁ ମାରିଦିଆଯିବ । ଏ ଖବର ଶିବ ପାତ୍ର ଜାଣିପାରି ଘାଟିଆ ଓ ତାଙ୍କ ପୁଅଙ୍କୁ ହତ୍ୟା କଲେ ଏବଂ ଶ୍ୟାମ ମାଝିଙ୍କୁ କୋକଲଗଡ଼ରୁ ବିତାଡ଼ିତ କରିଥିଲେ । ପରେ ଶିବ ପାତ୍ର କୋକଲଗଡ଼ ଓ ବ୍ରହ୍ମପୁରରେ ୧୦ବର୍ଷ ଶାସନ କରିଥିଲେ । ଶିବ ପାତ୍ରଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଲକ୍ଷ୍ମୀଧର କୋକଲଗଡ଼ ଓ ବ୍ରହ୍ମପୁରର ଗଡ଼ନାୟକ ହେଲେ । କିଛିଦିନ ପରେ ଏକ ଘଟଣାରେ ଲକ୍ଷ୍ମୀଧରଙ୍କୁ ହତ୍ୟା କରାଯାଇଥିଲା । ଏହାପରେ ଲକ୍ଷ୍ମୀଧରଙ୍କ ପୁଅ ଦାନ ପାତ୍ର ଓ ବାଘୁ ପାତ୍ର କୋକଲଗଡ଼ର ଅଧିନାୟକ ହୋଇଥିଲେ । ସେତେବେଳେ ହିନ୍ଦୁ ବିଦ୍ୱେଷୀ ବଙ୍ଗର ନବାବ ସୁଲେମାନ ଓ ତାଙ୍କର ସେନାପତି କଳାପାହାଡ଼ଙ୍କୁ କୋକଲଗଡ଼ର ଦାନ ପାତ୍ର ବିଭିନ୍ନ ଗୁପ୍ତ ଖବର ଦେଉଥିଲା । ଫଳରେ ବାହ୍ୟଶତ୍ରୁଙ୍କ ଆକ୍ରମଣରୁ ରକ୍ଷା ପାଇଁ ଶ୍ରୀଜଗନ୍ନାଥଙ୍କୁ ଗୋପନ ଆଶ୍ରୟସ୍ଥଳୀ ରୂପେ ଚିଲିକାର ଏକାଧିକ ସ୍ଥାନକୁ ସ୍ଥାନାନ୍ତରିତ କରାଇଥିଲେ । ଏଥିଯୋଗୁ ଚିଲିକା ମୁହାଣ ପାର କରାଯାଇ ହାତୀପଡ଼ାଠାରେ ଲୁଚାଇ ରଖିଥିଲେ । କିନ୍ତୁ ଜଗନ୍ନାଥଙ୍କୁ ଲୁଚାଇ ରଖାଯାଇଥିବା ସ୍ଥାନ ସମ୍ପର୍କରେ ଦାନ ପାତ୍ର କଳାପାହାଡ଼ଙ୍କୁ ଜଣାଇଥିବାରୁ ସେ ପାହାନ୍ତିସିଂହ ଉପାଧି ପାଇବା ସହିତ ଚବିଶକୁଦ ଓ ରାହାଙ୍ଗ ଅଞ୍ଚଳକୁ ଜାଗିରିଭାବେ ପାଇଥିଲା । ଅନ୍ୟପକ୍ଷେ କଳାପାହାଡ଼ ଜଗନ୍ନାଥଙ୍କ ଦାରୁଙ୍କୁ ନେଇ ଦରପୋଡ଼ାକରି ଫିଙ୍ଗି ଦେଇଥିଲା । ବଡ଼ ପଦ୍ମନାଭ ପଟ୍ଟନାୟକ ବୈରାଗୀ ବେଶରେ (ମାଦଳା ପାଞ୍ଜିମତେ ବିଶର ମହାନ୍ତି ବୈଷ୍ଣବ) ଶ୍ରୀଜଗନ୍ନାଥଙ୍କ ବ୍ରହ୍ମଙ୍କୁ ମୃଦଙ୍ଗ ଭିତରେ ପୂରେଇ ଲୁଚାଇ ଆଣି କୁଜଙ୍ଗଗଡ଼ରେ ରଖିଥିଲେ । ଖୋର୍ଦ୍ଧା ଭୋଇ ବଂଶର ୧ମ ରାଜା ରାମଚନ୍ଦ୍ର ଦେବ ବଡ଼ ପଦ୍ମନାଭ ପଟ୍ଟନାୟକଙ୍କ ଦ୍ୱାରା କୁଜଙ୍ଗରୁ ବ୍ରହ୍ମଙ୍କୁ ଅଣାଇ ଜଗନ୍ନାଥଙ୍କ ନବକଳେବର କରାଇ ଶ୍ରୀମନ୍ଦର ରତ୍ନସିଂହାସନ ଉପରେ ତିନି ଠାକୁରଙ୍କୁ ପୁନଃ ପ୍ରତିଷ୍ଠାତ କରାଇଥିଲେ । ପରେ ରାଜା ଦାନ ପାତ୍ରଙ୍କୁ ବିଶ୍ୱାସଘାତକତା ପାଇଁ ମୃତ୍ୟୁଦଣ୍ଡ ଦେଲେ । ନିହତ ଦାନ ପାତ୍ରଙ୍କ ବିଧବା ପତ୍ନୀଙ୍କ ଗୋପୀନାଥ ନାମରେ ପୁଅଟିଏ ଥିଲା । ମଳିପଡ଼ାର ଗଡ଼ନାୟକ ସରଣୀ ହରିଚନ୍ଦନ ଦାନ ପାତ୍ରଙ୍କ ବିଧବା ପତ୍ନୀ ସାକରା ସାଆନ୍ତାଣୀଙ୍କୁ ନେଇ ରଖିବା ପରେ ତାଙ୍କର ଜୟସିଂହ (ଶ୍ରୀଚନ୍ଦନ) ଓ ତଲାଇ (ମହାରଥା) ନାମରେ ଦୁଇଟି ପୁଅ ହେଲେ । ଅନ୍ୟପକ୍ଷେ ସମୟକ୍ରମେ ଅନ୍ଧାରିଗଡ଼ ଓ କୋକଲଗଡ଼ର ଅଧିନାୟକ ଧରମୁ ରାୟପିତାମ୍, ମୋଗଲ ଆକ୍ରମଣକାରୀଙ୍କୁ ତଡ଼ି ଜଗନ୍ନାଥଙ୍କୁ ମନ୍ଦିରରେ ପୁନଃ ପ୍ରତିଷ୍ଠା କରାଇବାରେ ରାଜାଙ୍କୁ ବିଶେଷ ସହାୟତା କରାଇଥିବା ଚକଡ଼ାପୋଥିରୁ ଜଣାପଡ଼େ । ଶ୍ରୀମନ୍ଦିର ଉପରେ ଆକ୍ରମଣ ସମୟରେ କୋକଲଗଡ଼ କେବଳ ଶ୍ରୀଜଗନ୍ନାଥଙ୍କ ଆଶ୍ରୟସ୍ଥଳୀ ହୋଇ ନାହିଁ, ଅଧିକନ୍ତୁ ଆକ୍ରମଣକାରୀଙ୍କୁ ପ୍ରତିହତ କରାଇବାରେ କୋକଲଗଡ଼ର ପାଇକବୀରମାନଙ୍କ ଅଦମ୍ୟ ସାହସ, ବୀରତ୍ୱ ଓ ରଣକୌଶଳ ଥିଲା ସ୍ୱତନ୍ତ୍ର । ଚମ୍ପତିରାୟ ଓ ପାଇକରାୟ ଉପାଧିଧାରୀମାନେ ଏହି ଗଡ଼ରେ ରହିଛନ୍ତି । ଏହି ଗଡ଼ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

– ବନବିହାରୀ ବେହେରା

ଫଟୋ : ସ୍ୱାଧୀନ ଚମ୍ପତିରାୟ



# ବାଆଁରାର ସୁବୁଦ୍ଧେଶ୍ୱର ମନ୍ଦିର



କଟକରୁ ବାଙ୍କୀ ଯିବା ରାସ୍ତାରେ ମାତ୍ର ୩୫ କି.ମି ଦୂରରେ ଅବସ୍ଥିତ ବାଆଁରା ଗ୍ରାମ । ସେଇଠି ରାସ୍ତା ଧାରରେ ଅବସ୍ଥିତ ଶ୍ରୀ ଶ୍ରୀ ସୁବୁଦ୍ଧେଶ୍ୱର ମହାଦେବ ମନ୍ଦିର । ବାଙ୍କୀ ଡମପଡ଼ା ଗ୍ରାମପଞ୍ଚାୟତ ଅଧୀନରେ ରହିଥିବା ଏହି ଗ୍ରାମର ପ୍ରାକୃତିକ ପରିବେଶ ଖୁବ ସୁନ୍ଦର । ପରସ୍ପର ସହିତ ଲଗାଲଗି ହୋଇ ରହିଥିବା ବାଆଁରା, ରାମଚଣ୍ଡୀ ଏବଂ କୂଅମଡ଼ା ଏଇ ତିନିଟି ଗ୍ରାମର ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀ ସୁବୁଦ୍ଧେଶ୍ୱର ମହାଦେବ । ମନ୍ଦିରର ବେଢ଼ା ପ୍ରାୟ ଚାରି ଏକର ଜମିରେ ବିସ୍ତୃତ । ମନ୍ଦିରଟି ପ୍ରାୟ ଆଠ ଶହ ବର୍ଷ ପୁରୁଣା ମନ୍ଦିର ବୋଲି ସ୍ଥାନୀୟ ବାସିନ୍ଦାମାନେ କହନ୍ତି । ମନ୍ଦିରର ଦକ୍ଷିଣ ଦିଗରେ ପସିଆ ମୁଣ୍ଡିଆ ଏବଂ ସାବିତ୍ରୀ ମୁଣ୍ଡିଆ ରହିଛି । ଦୁଇଟି ମୁଣ୍ଡିଆର ମଧ୍ୟଭାଗ ଦେଇ ତଳକୁ ବହି ଯାଇଛି ପସିଆ ଝର (ନାଳ) । ଏଠାରେ ଜଳସେଚନ ପାଇଁ ସରକାରଙ୍କ ଦ୍ୱାରା ନିର୍ମିତ ହୋଇଛି ପସିଆ ବନ୍ଧ । ବନ୍ଧ ଆରପଟକୁ ଲାଗି ରହିଛି ଚନ୍ଦକା ଡମପଡ଼ା ଅଭୟାରଣ୍ୟର ସୀମା । ମନ୍ଦିରର ଉତ୍ତର ଦିଗରେ ରହିଛି ପୁଣ୍ୟତୋୟା ମହାନଦୀ ଏବଂ ବିସ୍ତୀର୍ଣ୍ଣ ନଦୀକୂଳିଆ ଚାଷ ଜମି ; ଯାହାର ସବୁଜ ଶୋଭା ବର୍ଷସାରା ଦର୍ଶକଙ୍କର ମନ ମୋହୁଥାଏ ।

## ମନ୍ଦିରର ନାମକରଣକୁ ନେଇ ଲୋକକଥା

ସ୍ଥାନୀୟ ବାସିନ୍ଦାଙ୍କ ମତରେ, ମନ୍ଦିର ନିର୍ମାଣ ପୂର୍ବରୁ ଏଠାରେ କୁଆଡ଼େ ଘଞ୍ଚ ଜଙ୍ଗଲ ଥିଲା ଏବଂ ସେଥିରେ ଅନେକ ବେଲ ଗଛ ଭର୍ତ୍ତି ହୋଇ ରହିଥିଲା । ସେଥିପାଇଁ ଏହାକୁ 'ବେଲବଣିଆ' ବୋଲି କୁହାଯାଉଥିଲା ! ଏକଦା ନିକଟସ୍ଥ ତିନିପୁର ଗ୍ରାମର ସୁବୁଦ୍ଧି ସାହୁ ନାମକ ଜଣେ ତେଲି ଏଇ ଜଙ୍ଗଲ ବାଟ ଦେଇ ଚାଲି ଚାଲି ଭୁବନେଶ୍ୱର ଯାଇଥିଲେ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ପାଇଁ । ସେଠାରେ ଠାକୁରଙ୍କ ଦର୍ଶନ ସାରି ପରଦିନ ଗ୍ରାମକୁ ଫେରିବା ବେଳକୁ ସାଙ୍ଗରେ ଛୋଟ ଶିବଲିଙ୍ଗଟିଏ ଆଣିଥିଲେ ତାଙ୍କ ଗାଆଁରେ ପ୍ରତିଷ୍ଠା କରାଇବା ପାଇଁ । ଖରାରେ ବାଟ ଚାଲି ଚାଲି ତାଙ୍କୁ ହାଲିଆ ଲାଗିବାରୁ ସେ ଏଇ ବେଲବଣିଆରେ ଗୋଟିଏ ଗଛମୂଳେ ଶିବଲିଙ୍ଗଟିକୁ ରଖିଦେଇ ଗଛ ଛାଇରେ ଗାମୁଛା ପାରି ଶୋଇ ପଡିଲେ । ଛାଇ ଲେଉଟିବା ପରେ ତାଙ୍କ ନିଦ ଭାଙ୍ଗିଲାରୁ ସେ ଯେତେବେଳେ ସେହି ଶିବଲିଙ୍ଗଟିକୁ ଉଠାଇ ଘରକୁ ଯିବା ପାଇଁ ବାହାରିଲେ, ସେହି ଶିବଲିଙ୍ଗଟି ଆଉ ସେଠାରୁ ଉଠିଲେ ନାହିଁ । ଅନେକ ଚେଷ୍ଟା କରି ମଧ୍ୟ ବିଫଳ ହେବାରୁ ସେ ବିକଳ ହୋଇ କାନ୍ଦି କାନ୍ଦି ଯାଇ ସ୍ଥାନୀୟ ଗ୍ରାମବାସୀଙ୍କୁ ସବୁ କଥା ଜଣାଇଲେ । ସେମାନେ ମଧ୍ୟ ତାଙ୍କ ସହିତ ଆସି ଶିବଲିଙ୍ଗଙ୍କୁ ଉଠାଇବାକୁ ଚେଷ୍ଟା କଲେ । ତଥାପି ଶିବଲିଙ୍ଗଟି ସେଠାରୁ ହଲଚଲ ହେଲେ ନାହିଁ । ସମସ୍ତେ ଏକତ୍ରିତ ହୋଇ ଡମପଡ଼ା ରାଜାଙ୍କୁ ଖବର ଦେବାକୁ ଗଲେ । ଏଣେ ସୁବୁଦ୍ଧି ସାହୁ ଉକ୍ତ ଶିବଲିଙ୍ଗଙ୍କ ପାଖରେ ଗୁହାରିଆ ପଡ଼ିବାରୁ ସ୍ୱପ୍ନରେ ପ୍ରଭୁ ତାଙ୍କୁ ଆଦେଶ ଦେଲେ, 'ଏହି ସ୍ଥାନଟି ମୋତେ ବହୁତ ଭଲ ଲାଗୁଛି, ମୁଁ ଏଇଠି ରହିବାକୁ ଚାହେଁ, ତୁ' ଏଇଠି ମୋତେ ପୂଜାର୍ଚ୍ଚନା କର' । ଡମପଡ଼ା ରାଜା ଏହା ଜାଣିବାପରେ ବେଲବଣିଆର ସେଇ ଗଛମୂଳେ ଛୋଟ ମନ୍ଦିରଟିଏ ଗଢ଼ାଇଦେଲେ ଏବଂ ଠାକୁରଙ୍କ ନିତ୍ୟ ନୈମିତ୍ତିକ ପୂଜାର୍ଚ୍ଚନା ପାଇଁ ବ୍ରାହ୍ମଣ ପୂଜକମାନଙ୍କୁ ନିଯୁକ୍ତି ଦେବା ସହ ସେମାନଙ୍କ ପାଇଁ ଜମିଜାଗିରିର ବ୍ୟବସ୍ଥା କରାଇଦେଲେ । ସେବେଠାରୁ ଭକ୍ତ ସୁବୁଦ୍ଧି ସାହୁଙ୍କ ନାମାନୁସାରେ ପ୍ରଭୁଙ୍କ ନାମ ଶ୍ରୀ ସୁବୁଦ୍ଧେଶ୍ୱର ମହାଦେବ ରଖାଯାଇ ତାଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଉଥିବା ବିଶ୍ୱାସ କରାଯାଏ ।





## ମନ୍ଦିରର କାରୁକାର୍ଯ୍ୟ

ରାଜାରାଜୁଡ଼ାଙ୍କ ପରମ୍ପରା ଯିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ କ୍ରମେ ଏହି ମନ୍ଦିରରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି । ନିକଟ ଅତୀତରେ ଜଗଦଗୁରୁ ଶ୍ରୀ କୃପାଳୁ ଜୀ ମହାରାଜଙ୍କ ଟ୍ରଷ୍ଟ ଦ୍ୱାରା ସେହି ପୁରାତନ ସମୟର ମନ୍ଦିରଟିକୁ ପୁନଃ ନିର୍ମାଣ କରି ଏକ ସୁଦୃଶ୍ୟ ୫୨ ହାତ ଉଚ୍ଚ ମନ୍ଦିରରେ ପରିବର୍ତ୍ତନ କରାଯାଇଛି । ମନ୍ଦିରର ମୁଖଶାଳା, ଆଦ୍ୟ ମଣ୍ଡପ, ଭୋଗ ମଣ୍ଡପ, ଆସ୍ଥାନ, ଧ୍ୱଜା, ତ୍ରିଶୂଳ, ଭିତର ବେଢ଼ାରେ ଗୋଟିଏ ବଡ଼ ନନ୍ଦୀ ମୂର୍ତ୍ତି, ସାହାଡ଼ା ଗଛ ମୂଳରେ ଏକ ମଙ୍ଗଳା ମନ୍ଦିର ଏବଂ ଗୋଟିଏ ହନୁମାନ ମନ୍ଦିର ଗଢ଼ାଯାଇଛି । ମଣ୍ଡପରେ ପ୍ରଭୁ ବାଳଗୋପାଳ, ଶ୍ରୀ ରାଧାକୃଷ୍ଣଙ୍କ ମୂର୍ତ୍ତି ଏକ ବିମାନରେ ପୂଜା ପାଉଛନ୍ତି ।

## ପୂଜାବିଧି ଓ ଯାନିଯାତ୍ରା

ଠାକୁରଙ୍କ ନିତ୍ୟ ନୈମିତ୍ତିକ ପୂଜାର୍ଚ୍ଚନା ମଧ୍ୟରେ ସକାଳୁ ପହଡ଼ ଖୋଲା ଯାଇ ମଙ୍ଗଳ ଆଳତି, ସକାଳ ଧୂପ, ମଧ୍ୟାହ୍ନରେ ଅନ୍ନପ୍ରସାଦ, ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତି ଓ ରାତ୍ରିରେ ବାଳଭୋଗ ଅର୍ପଣ ପରେ ପହଡ଼ ପଡ଼ିଥାଏ । ଠାକୁରଙ୍କ ଅନ୍ୟାନ୍ୟ ମୁଖ୍ୟ ଯାନିଯାତ୍ରା ମଧ୍ୟରେ ରହିଛି ଜାଗର । ସେହି ସମୟରେ ଏଠାରେ ମେଳା ଲାଗେ, ନାନା ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ଜାଗର ଯାତ୍ରା ବ୍ୟତୀତ ଏଠାରେ କାର୍ତ୍ତିକ ପୂର୍ଣ୍ଣିମା, ଶୀତଳ ଷଷ୍ଠୀ ଓ ପଞ୍ଚୁଦୋଳ ମଧ୍ୟ ମହା ସମାରୋହରେ ପାଳିତ ହୋଇଥାଏ । ଉଣେଇଶ ମଣ୍ଡଳର ଦୋଳ ବିମାନ ଏକତ୍ରିତ ହୋଇଥାନ୍ତି ଏଠାରେ । ଭଜନ କୀର୍ତ୍ତନରେ ଗାଁ କମ୍ପି ଉଠେ । ଶ୍ରୀ ସୁବୁଦ୍ଧେଶ୍ୱରଙ୍କ ଅପାର ମହିମା । ସର୍ପାଘାତ ହୋଇଥିବା ରୋଗୀ ମଧ୍ୟ ଏଠାରେ ମା'ପାର୍ବତୀଙ୍କ ପାଖରେ ଅଧିଆ ପଡିଲେ ବିଷମୁକ୍ତ ହୋଇଥାଏ ବୋଲି ବିଶାସ ରହିଛି ।

– **ସୁଷମା ପରିଜା,** *ଶାରଳା ଭବନ,*
*ପୋତା ପୋଖରୀ, କଟକ–୪*
*ମୋ: ୯୩୩୭୨୭୨୬୪୭*






# ପୁରୁଷଙ୍କ ପସନ୍ଦ କେଶବତୀ ନାରୀ





**ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ଘନଲମ୍ବା ରେଶମୀ କେଶ। ଯଦିଓ ଫ୍ୟାଶନ୍ ଟ୍ରେଣ୍ଡ ସହ ତାଳ ଦେଇ କେବେ ଛୋଟ ତ କେବେ ମଧ୍ୟମ ସାଇଜ୍‌ର କେଶ ମହିଳାମାନେ ଆପଣେଇଥାନ୍ତି। ହେଲେ ଲମ୍ବା କେଶର ଆକର୍ଷଣ ସବୁବେଳେ ରହି ଆସିଛି। ଖାସ୍‌କରି ପୁରୁଷଙ୍କୁ ମହିଳାଙ୍କ ଲମ୍ବା କେଶ ଅଧିକ ଆକର୍ଷିତ କରିଥାଏ। ହେଲେ ଏମିତି କାହିଁକି ହୁଏ? ଆସନ୍ତୁ ଜାଣିବା...**

'କୁଛ କୁଛ ହୋତା ହୈ' ଚଳଚ୍ଚିତ୍ରରେ ଦେଖିଥିବେ ଅଞ୍ଜଳୀର ଯେବେ ସର୍ଟ ହେୟାର ଥିଲା ରାହୁଲ ତାକୁ ଭଲ ପାଇ ନ ଥିଲା। ହେଲେ ଯେବେ ରାହୁଲ ଅଞ୍ଜଳୀକୁ ଘନ ଲମ୍ବା କେଶରେ ଦେଖିଲା ତା'ର ନଜର ହଟି ନ ଥିଲା। ଅଞ୍ଜଳୀର ଚେହେରା ତ ସେଇୟା ଥିଲା ହେଲେ କେଶ ଯେବେ ଲମ୍ବା ହେଇଗଲା ତା'ର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଗଲା। ତେବେ ପ୍ରଶ୍ନ ଉଠେ ଲମ୍ବା କେଶ ଥିବା ନାରୀ ପୁରୁଷଙ୍କୁ କାହିଁକି ଆକର୍ଷିତ କରେ ? ୨୦୦୪ ମସିହାରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ପୁରୁଷମାନଙ୍କୁ ଲମ୍ବାକେଶ ଥିବା ନାରୀ ଅଧିକ ଆକର୍ଷକ ଓ ଯୁବା ମନେ କରନ୍ତି। କାରଣ ଲମ୍ବା କେଶ ନାରୀକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେବା ସହ ଆକର୍ଷକ କରାଇଥାଏ। ସେହିଭଳି ସ୍କାଣ୍ଡିନେଭିଆର ଜର୍ନଲ ଅଫ୍ ସାଇକୋଲୋଜିରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଯେଉଁ ମହିଳାଙ୍କର ଲମ୍ବା କେଶ ଥାଏ ତାଙ୍କୁ ଯୁବା, ସୁସ୍ଥ ଓ ସେକ୍ସି ଭାବେ ଗ୍ରହଣ କରାଯାଏ। ଅନ୍ୟକ୍ଷେତ୍ରରେ ଟେଲିଗ୍ରାଫର ରିପୋର୍ଟ ଅନୁସାରେ ପୁରୁଷମାନେ ଲମ୍ବା କେଶ ଥିବା ମହିଳାଙ୍କୁ ସୁସ୍ଥ ଓ ଭଲ ଜିନ୍‌ର ସଙ୍କେତ ଭାବେ ଗ୍ରହଣ କରନ୍ତି।

ବହୁ ପୂର୍ବରୁ ମହିଳାମାନଙ୍କର ଲମ୍ବା କେଶ ଉପରେ ଗୁରୁତ୍ୱ ଦିଆଯାଇ ଆସିଛି। କାରଣ ବିଶ୍ୱାସ ଥିଲା ଲମ୍ବା କେଶ ସୌନ୍ଦର୍ଯ୍ୟ ପାଇଁ ଯେତିକି ଜରୁରୀ ଭଲ ସ୍ୱାସ୍ଥ୍ୟ ପାଇଁ ବି ସେତିକି ଆବଶ୍ୟକ। ଅନେକ ଗବେଷଣା କହେ ପୁରୁଷଙ୍କ ପାଇଁ



ମହିଳାଙ୍କ ଲମ୍ବା କେଶ ସୁସ୍ୱାସ୍ଥ୍ୟ ଓ ପ୍ରଜନନ କ୍ଷମତାର ସଙ୍କେତ ଦେଇଥାଏ। ଅର୍ଥାତ୍ ମହିଳାଙ୍କର ସୁସ୍ଥ ଓ ସୁନ୍ଦର କେଶକୁ ପ୍ରଜନନ କ୍ଷମତା, ସୁପୋଷଣ ଓ ଭଲ ଜୀବନଶୈଳୀ ସହ ଯୋଡା ଯାଇଛି।

ଅନେକ ସଂସ୍କୃତିରେ ଲମ୍ବା କେଶକୁ ସୌନ୍ଦର୍ଯ୍ୟ ଓ ନାରୀତ୍ୱର ପ୍ରତିକ ଭାବେ ଗ୍ରହଣ କରାଯାଏ। ଭାରତୀୟ ସଂସ୍କୃତୀରେ ବି ଲମ୍ବାକେଶକୁ ପାରମ୍ପରିକ ସୌନ୍ଦର୍ଯ୍ୟ ଭାବେ ଗ୍ରହଣ କରାଯାଏ। ଏମିତିକି ଚଳଚ୍ଚିତ୍ର ଓ ପୁସ୍ତକରେ ବି ଲମ୍ବା କେଶକୁ ନାରୀ ସୌନ୍ଦର୍ଯ୍ୟର ପରିଭାଷା ଓ ଆକର୍ଷଣର ମୁଖ୍ୟ କାରଣ ଭାବେ ପ୍ରଦର୍ଶିତ କରାଯାଇଛି। ଏହା ମଧ୍ୟ ଏକ କାରଣ ଯାହାଦ୍ୱାରା ପୁରୁଷଙ୍କ ମନରେ ଲମ୍ବାକେଶ ଥିବା ନାରୀ ଅଧିକ ସୁନ୍ଦରୀ ବୋଲି ଆସିଥାଏ। ମନସ୍ତତ୍ତ୍ୱବିତ୍ ମାନେ କହନ୍ତି ଲମ୍ବାକେଶକୁ ପ୍ରାୟତଃ ସେକ୍ସୁଆଲ ଆଟ୍ରାକ୍ସନର ସଙ୍କେତଭାବେ ଦେଖାଯାଏ। କାରଣ ଯେବେ ଯେବେ ନାରୀଟିଏ ଲମ୍ବା କେଶକୁ ଆଙ୍ଗୁଳିରେ ମୋଡନ୍ତି, ବେଣୀକୁ ହଲାନ୍ତି ପୁରୁଷ ଆପେ ଆକର୍ଷିତ ହୋଇଯାଆନ୍ତି। ସେମାନଙ୍କ ଧ୍ୟାନ ସ୍ୱତଃ ଟାଣି ହୋଇଥାଏ।

ନାରୀଙ୍କ ହେୟାରଷ୍ଟାଇଲ୍ ଓ ପୁରୁଷଙ୍କ ବ୍ୟବହାରକୁ ନେଇ ଏକ ଫିଲ୍ଡ ଏକ୍ସପେରିମେଣ୍ଟ ବି ହୋଇଥିଲା। ଯେଉଁଥିରେ ନାରୀଙ୍କୁ ତିନୋଟି ଭିନ୍ନ ଭିନ୍ନ ହେୟାରଷ୍ଟାଇଲ୍ କରାଯାଇ ଗଳିରେ ବୁଲାଯାଇଥିଲା। ଜଣେ ନାରୀ ଲମ୍ବା ଘନ କେଶକୁ ମୁକୁଳା ଛାଡି ରାସ୍ତାରେ ଚାଲିଥିଲେ। ଅନ୍ୟ ଜଣେ ପୋନିଟେଲ୍ କରି ଓ ଆଉଜଣେ ମହିଳା ଖୋସା କରି ଚାଲିଥିଲେ। ଗବେଷଣାରୁ ଜଣାପଡ଼ିଲା ପୁରୁଷମାନେ ବେକ, କାନ୍ଧ ଓ ପିଠିରେ ମୁକୁଳା ହୋଇ ପଡ଼ିଥିବା ସୁନ୍ଦର ଲମ୍ବାକେଶ ଥିବା ମହିଳାଙ୍କୁ ଅଧିକ ସାହାଯ୍ୟ କରିଥିଲେ। କାରଣ ଏହି ସୁନ୍ଦର କେଶ ତାଙ୍କୁ ଆକର୍ଷିତ କରିଥିଲା ଓ ପ୍ରବର୍ତ୍ତାଇଥିଲା ମହିଳାଙ୍କୁ ସାହାଯ୍ୟ କରିବା ପାଇଁ।

# ପ୍ରାକୃତିକ ଟିଭି

ଏଇ ଧଳା ଅବା ଧୂସର ରଙ୍ଗର ପଥରଗୁଡ଼ିକ ଦେଖିବାକୁ ସାଧାରଣ ଲାଗିପାରେ। ହେଲେ ଏହା ଆଦୌ ସାଧାରଣ ନୁହେଁ। ଏହାକୁ ଯଦି କୌଣସି ବହି କିମ୍ବା କୌଣସି ଛବି ଉପରେ ରଖିଦେବେ ଏହା ଯାଦୁ ଭଳି କାମ କରିବ। ସେହି ଛବି ଅବା ଲେଖାଗୁଡିକ ପଥରର ଉପର ଭାଗରେ ସଫା ସଫା ଦେଖାଯିବ। ସତେ ଯେମିତି ଏହା ଏକ ଛୋଟ ଟିଭି ସ୍କ୍ରିନ। ହେଲେ ଏହା କୌଣସି ଯାଦୁ ନୁହେଁ, ବରଂ ଏହା ହେଉଛି ପ୍ରକୃତିର କମାଲ। ଉକ୍ତ ପଥରର ନାଁ ହେଉଛି 'ୟୁଲେକ୍ସାଇଟ୍', ଯାହା ଟିଭି ଷ୍ଟୋନ୍ ଭାବେ ଅଧିକ ପରିଚିତ। ଏହି ଖଣିଜ ପଥରଟି ଏକ ହାଇଡ୍ରସ୍ ସୋଡିୟମ୍



କ୍ୟାଲସିୟମ ବୋରେଟ୍ ଅଟେ, ଯାହାର କେମିକାଲ ଫର୍ମୁଲା $NaCaB_5O_6(OH)_6 \cdot 5H_2O$। ଏହି ପଥରର ଖାସ୍ କଥା ହେଉଛି ଏହାର ଆଭ୍ୟନ୍ତରୀଣ ସଂରଚନା। ଏଥିରେ ହଜାର ହଜାର ସୂକ୍ଷ୍ମ ଫାଇବର୍ସ ଗୋଟିଏ ଦିଗରେ ପାରାଲେଲ ଯୋଡି ହୋଇ ରହିଥାଏ। ଯେତେବେଳେ ପଥରକୁ ଠିକ ଭାବେ କାଟି ପଲିଶ କରାଯାଏ (ଉପର ଓ ତଳ ସମତଳ କରି), ଏହି ଫାଇବର୍ସ ଲାଇଟ୍‌କୁ ଇଣ୍ଟରନାଲ ରିଫ୍ଲେକ୍ସନରେ ଟ୍ରାନ୍ସମିଟ୍ କରିଥାଏ। ଫଳରେ ତଳେ ଥିବା ଯେକୌଣସି ଜିନିଷ ସେ ଟେକ୍ସଟ୍ ହେଉ ଅବା ଫଟୋ ଅବା କୌଣସି ପ୍ୟାଟର୍ନ ଲାଇଟ୍ ସହ ଉପର ପର୍ଯ୍ୟନ୍ତ ପହଞ୍ଚିଯାଏ। ଆଉ ପଥରର ଉପରଭାଗରେ ପ୍ରୋଜେକ୍ଟ ହୋଇଯାଏ। ଏହି ପଥର ବେଶି ଆମେରିକାର କାଲିଫର୍ନିଆ ଓ ନେବାଡ଼ାରେ ଦେଖିବାକୁ ମିଳେ। ଏହାବାଦ ଚିଲିର ଆଟାକାମା ଡେଜର୍ଟ, ତୁର୍କୀ, ଆର୍ଜେଣ୍ଟିନା ଓ କଜାକିସ୍ତାନରେ ବି ମିଳେ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ମଧୁର ଜହର

ଆମ ଡିପାର୍ଟମେଣ୍ଟ ତରଫରୁ ଗୋଟେ ବିଶାଳ ମଞ୍ଚରେ ବିରାଟ କାର୍ଯ୍ୟକ୍ରମ ହେଉଥିଲା । କାଉ ସ୍ୱରରେ କଥା କହୁଥିବା ସବୁଠୁ ବଡ଼ସାର୍‌ଙ୍କ ପତ୍ନୀ–ମ୍ୟାଡାମ୍‌ଙ୍କୁ ପୁଳାଏ ତେଲମରା ତଳ କର୍ମଚାରୀ ଟେକାଟେକି କରି ମଞ୍ଚରେ ବସେଇ ଅନୁରୋଧ କଲେ ତାଙ୍କ କଣ୍ଠରୁ ପ୍ରାରମ୍ଭିକ ସଙ୍ଗୀତକୁ ସୁଲଳିତ ସ୍ୱରରେ ଶୁଣିବା ପାଇଁ । ଜହ୍ନ ପରି ମୁହଁ ନ ହେଉ ପଛେ ଜହ୍ନିମଞ୍ଜି ପରି ସୁନ୍ଦରୀ ମ୍ୟାଡାମ୍ ଆଧୁନିକା ଗୁଣରେ କେତେ ପାଦ ଆଗରେ ଥିଲେ । ମଞ୍ଚମାନିଆ ମ୍ୟାଡାମ୍ ମନେ ମନେ ଭାବୁଥିଲେ ଯାହା, ବଇଦ ପରାଏ ତେଲମରା ତଳିଆ କର୍ମଚାରୀ କରେଇଦେଲେ ତାହା । ଘନ ଅନ୍ଧାରରେ ବିଜୁଳି ଚମକ ପରି ଶ୍ୟାମା ବଦନର ଶୁଭ୍ର ଦନ୍ତପଂକ୍ତିର ହାସ୍ୟମୁଖୀ ମଞ୍ଚ ଏମିତି ଚଢ଼ିଲେ ଯେମିତି ତାଙ୍କର ଟିକେ ବି ଇଚ୍ଛା ନାହିଁ । ଆବୋରି ବସିଲେ ମୁଖ୍ୟ ଅତିଥିଙ୍କ ସୁଦୃଶ୍ୟ ଚଉକି । କାହା ଜିଭରେ ହାଡ଼ ଅଛି କିଏ ବି କହିବ ସେଇ ଚଉକି ଆଉ କାହା ଲାଗି ଉଦ୍ଦିଷ୍ଟ ଥିଲା ବୋଲି ! ତେବେ ଯେନ ତେନ ପ୍ରକାରେଣ ଆରମ୍ଭ ହେଲା ଅଧିବେଶନ ।

ଆରମ୍ଭରୁ ଜଣେ ଘୋଷିକା ଦେଉଳକୁ ମୁଖଶାଳା ବଳେଇଲା ପରି ମ୍ୟାଡାମ୍‌ଙ୍କ ଏତେ ଗୁଣଗାନ କରି ଟେକାଟେକି କରିଥିଲେ ଯେ, ଦର୍ଶକ ଅନେଇଥିଲେ କାନରେ ସଙ୍ଗୀତ ଶ୍ରବଣ କରି ନିଜକୁ ଧନ୍ୟ ମଣିବେ ବୋଲି । ଥରକୁ ଥର ଚୂର୍ଣ୍ଣ କୁନ୍ତଳ, ଶାଢ଼ି ପଣତ ଓ କୁଞ୍ଚ ସଜାଡ଼ିବା ପରେ ମାଇକ୍ରୋଫୋନ୍ ହାତରେ ଧରି ଯେମିତି ତୁଣ୍ଡ ଖୋଲି ଓଡ଼ିଆଣୀ ମହାଶୟା ଗାଇଲେ ହିନ୍ଦୀ ଗୀତ, ମାରି ଦେଲାକି ଆଉ ମାରେଣା ଗାଈର ପଛୁଆ ଲାତ ! ପଦେ ଗୀତ ଗାଇଲା ବେଳକୁ ଶ୍ରୋତାଗଣ ଆଧାରୁ ଅଧିକ ବିଦା ହୋଇଗଲେ । ଶେଷ ପଦ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି କାକକଣ୍ଠି ଗାୟନରେ ଗଣ୍ଠି ପକେଇଲେ । ତାଙ୍କୁ ଗାଇବାକୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ଧନ୍ୟବାଦ ଦେବାକୁ ଜମା ଭୁଲି ନ ଥିଲେ । ଯାହାହେଉ ସଭା ସରିଲା ରାତି ଦଶଟାରେ । ମହାଶୟାଙ୍କ ଚତୁଃପାର୍ଶ୍ୱ ବେଢ଼ି ଅନେକ ସ୍ୱାର୍ଥୀ ଉଚ୍ଚ ପ୍ରଶଂସାରେ ପୋତିପକେଇଲେ । ନଟବାବୁ କହିଲେ ଆପଣଙ୍କର ରେଡିଓ ଭଏସ । ଘନବାବୁ କହିଲେ, ''ମ୍ୟାମ୍ ! ଆପଣ ଜଣେ ପେସାଦାର ଗାୟିକା ପରି ଲାଗୁଥିଲେ...'' ଇତ୍ୟାଦି । ପରଦିନ ଅଫିସରେ ବଡ଼ ସାର୍‌ଙ୍କୁ ଘେରି ତଳିଆ କର୍ମଚାରୀ କହିଲେ ଆପଣ ଭାଗ୍ୟବାନ ସାର୍ । ମ୍ୟାଡାମ୍ କାଲି ଯେମିତି ସୁନ୍ଦର ଗାଇଲେ, ସମସ୍ତେ ମୁଗ୍ଧ ହୋଇଗଲେ । ମ୍ୟାଡାମ୍ କ'ଣ ରେଡିଓର କଣ୍ଠଶିଳ୍ପୀ ? 'ସାର୍ କହିଲେ, ନୋ । ବଟ ସି ଇଜ ଭେରିଗୁଡ୍ ବାଥ୍‌ରୁମ୍ ସିଙ୍ଗର ।' ସେଦିନ ଅଫିସରେ ଓଳିଏ ତଳିଆ କର୍ମଚାରୀମାନେ ନିଜ ନିଜ ବାଟରେ ବଡ଼ବାବୁଙ୍କ ତୈଳମର୍ଦ୍ଦନରେ ବିତେଇଲେ । ଅଫିସ କାମକୁ ଚୁଲିରେ ଫିଙ୍ଗିଲେ । ବଡ଼ବାବୁ ନୁହେଁ ତାଙ୍କ ଧର୍ମପତ୍ନୀ ଓଗେର ସେହି ତେଲମରା ବ୍ୟାପାରରେ କେତେଦିନ ରହିଲେ ।

ଯିଏ ଯାହା ନୁହନ୍ତି, ତାଙ୍କୁ ଯଦି ପ୍ରଶଂସାର ପମ୍ପରେ ଫୁଲେଇ ଦିଆଯାଏ, ତେବେ ଅବସ୍ଥା ଯାହା ହୁଏ ନ କହିଲେ ଭଲ ।

ଆଜିକାଲି ଏଇ ତେଲମରାମାନେ ଏମିତି ମଧୁର ଜହର ପ୍ରସ୍ତୁତ କରି ବିଜ୍ଞାପିତ କରୁଛନ୍ତି ଯେ, ସତକୁ ମିଛ ମିଛକୁ ସତ ଭାବିବାକୁ ଆଉ ବାକି ରହୁନି । ସଙ୍ଗୀତର 'ସ' ଅକ୍ଷର ଜାଣି ନ ଥିବା ଲୋକ ମହାନ୍ ସଙ୍ଗୀତଜ୍ଞ ସର୍ବସମ୍ମୁଖରେ ଉଭା ହେଲା ପରି ଅନେକ ଅଣକବି ବିଶିଷ୍ଟ ବରିଷ୍ଠ କବି ଭାବରେ ପ୍ରକାଶିତ ଘୋଷିତ ହେଉଛନ୍ତି ଅର୍ଥ ସ୍ୱାର୍ଥ ବିନିମୟରେ ତ ପୁଣି



ଯାହିତାହି ବକି ବକି ସୁ–ବକ୍ତା ପାଲଟି ଯାଉଛନ୍ତି । ଅସଲ ଲେଖକ, କବି, ଗାଳ୍ପିକଙ୍କୁ ପଛ ଧାଡିରେ ନ ହେଲେ ମଞ୍ଚ ତଳେ ବସି ବାଧ୍ୟରେ ତାଳି ମାରିବାକୁ ପଡୁଛି । ଅସଲି ଛେନାଠାରୁ ନକଲି ପନିର, କ୍ଷୀର, ମିଠାର ସବୁଠି ବେଶି ଆଦର ବଢ଼ିଲା ପରି । ମିଠା ଦୋକାନୀ ବଢ଼ିଆ ନକଲି ମିଠା ଜହରକୁ ଏମିତି ରୂପ ରଙ୍ଗରେ ସଜାଇ ଗ୍ରାହକ ଦୃଷ୍ଟି ଆକର୍ଷଣ କରାଉଛନ୍ତି ଯେ, ଲୋକେ ଚଢ଼ା ଟଙ୍କାରେ ଦୋକାନୀର ନାଁ ଓ ପ୍ୟାକିଙ୍ଗ ଦେଖି ବୋହି ନେଉଛନ୍ତି, ଯେମିତି ଅକବି, ଅଜ୍ଞାନ ବିଜ୍ଞ ଲେଖକ ବୋଲି ମଞ୍ଚରେ ମାନ ସନମାନ ପାଇଲା ପରି । ଗୋଟେ କ୍ଷୀର କମ୍ପାନୀ ଧରାପଡ଼ିଲା, ଯାହାର ଗାଈ ବୋଲି ଗୋଟାଏ ନ ଥିଲା କି ଗୋପାଳଠାରୁ କ୍ଷୀର ନ କିଣି ଟନ ଟନ କ୍ଷୀର ପ୍ୟାକିଂ ହୋଇ ସୁନ୍ଦର ପଲିଥିନ୍ ପ୍ୟାକେଟରେ ବିଷଯୁକ୍ତ ହୋଇ ବି ବିଶୁଦ୍ଧ ବୋଲି ଲେଖାଯାଇ ବିକ୍ରି ହେଉଥିଲା । ପର ଲେଖା କବିତା ଚୋରିକରି ସୋସିଆଲ ମିଡିଆରେ ପ୍ରଦର୍ଶନ କରୁଥିବା ଅନେକ ପ୍ରଶଂସାପତ୍ର ଓ ମାନପତ୍ର ପ୍ରାପ୍ତ ହୋଇ ଖୁବ ବଡ଼ ବୋଲି ଘୋଷିତ ହେଉଥିବା ଲୋକ କେମିତି ଧରା ହେବେ ଦେଖିବାକୁ ଏ ନୟନ ଅପେକ୍ଷାରେ ରହିଲା । ସୁନ୍ଦର ରଙ୍ଗ ବୋଳା ଖାଦ୍ୟ ସତରେ ଖାଦ୍ୟ ନା ଅଖାଦ୍ୟ କିଣିଲା ବେଳେ କିଏ ପରଖୁଛି ଟିକେ ଭାବନ୍ତୁ ତ ! ଏଇ ରଙ୍ଗବୋଳା ନକଲି ମଣିଷ, ପୋଷାକ, ଖାଦ୍ୟ, ପାନୀୟ ମଧୁର ସୁନ୍ଦର ମନେହେଲେ ବି ଜହର ବିତରଣ କରାଇ ସ୍ୱାସ୍ଥ୍ୟ ଓ ସମାଜକୁ ରୁଗ୍ଣ କରାଉଛି । ଏହାର ନିଶ୍ଚିତ ବିଷଜ୍ୱାଳା ମରଣ ଆଡକୁ ନେଇଯାଉଛି, ତାହାର ପ୍ରତିକାର କ'ଣ କେମିତି ହେଉଛି – ବିଜ୍ଞଜନେ ନିଜର ଓ ପିଲା ବଂଶଧରଙ୍କ ଭବିଷ୍ୟତ ଭାବିବାର ବେଳ ହୋଇଛି କି ନା ଟିକେ ତର୍ଜମା କରିବା କଥା । ଏବେ ନେତା ନକଲି, ଜନତା ଭୋଟର ନକଲି । ଡାକ୍ତର ନକଲି, ଔଷଧ ନକଲି । ପଥି ନକଲି, ପରିବା ନକଲି, ଅଣ୍ଡା ନକଲି, ଘିଅ ନକଲି ବେପାରୀଙ୍କ ଅସଲି ଫାନ୍ଦରେ ଦେଶ ପୂରା ନୀରବରେ କାନ୍ଦେ । ଏଇ ମଧୁର ଜହର କି କରି ଦେଲାରେ ଦେଶ ସମାଜ ଆମର । ଅସଲି ସାଧୁ ଖାଉଛନ୍ତି ମାଡ଼, ନକଲି ସାଧୁ ସଭାରେ ହୁଅନ୍ତି ଭଡ଼ଭଡ଼ । ଚାରିଆଡେ ମଧୁର ଜହର, ବୋଳି ହୋଇ ମଣିଷ କରୁଥାଏ ପ୍ରଚାର । ଅଶାସ୍ତ୍ର ହୋଇଛି ଶାସ୍ତ୍ର । ଅଶ୍ରାବ୍ୟ ହେଉଛି ଶ୍ରାବ୍ୟ । ଅଶ୍ଳୀଳକୁ.. ଶ୍ଳୀଳ ଭଳିଆ ଦେଖି ଆନନ୍ଦରେ ଉଚ୍ଛନ୍ନ ଯୁବକଠାରୁ ବୟସ୍କ ବୃଦ୍ଧ ! ଲାଗୁଛି ଯେମିତି ଏଇ ମଧୁର ଜହର ଆପଣେଇ ଅବାଟକୁ ବାଟ ମଣି ଆଗଉଛନ୍ତି ଶିକ୍ଷିତ ଅନେକ ! ଦାନବ ଦିଶୁଛନ୍ତି ଦେବତା ପ୍ରାୟେ !

କୁଢ଼ କୁଢ଼ ଟଙ୍କା ପଛରେ ଏମିତି ଅନ୍ଧଭଳିଆ ଧାଉଁଛି ମଣିଷ ଯେ, ଅସଲ ସତ୍ୟ ତା'ର ସତ୍ତା ହରେଇବାକୁ ବସିଲାଣି । ସୁଖ ଶାନ୍ତିର କଳ୍ପବୃକ୍ଷ ଶୁଖି ଅଶାନ୍ତି ଅନଳରେ ଜଳୁଅଛି । ଏସବୁର ସମୀକ୍ଷା କରିବାର କ'ଣ ବେଳ ଏବେ ବି ହୋଇନାହିଁ ? ମନରେ, ଜ୍ଞାନରେ, ପାଣିରେ, ପବନରେ, ଖାଦ୍ୟରେ, ଆଚରଣରେ ଜହର ଭର୍ତ୍ତି କରାଇ ମଧୁର ଉଚ୍ଚାରଣ କରି କେତେଦିନ ଆଉ ରୁଗ୍ଣ ସମାଜକୁ ସୁସ୍ଥ ରଖିହେବ ! ନିଜକୁ ସୁଧାରି ଅନ୍ୟଙ୍କୁ ଉଦ୍ଧାରିବାର ବେଳ ଆଉ କେବେ ଆସିବ ? କେବେ ଏଇ ମଧୁର ଜହର କବଳରୁ ଆମେ ବଞ୍ଚି ବଂଶଧରଙ୍କୁ ବଞ୍ଚାଇବା ? ତେଲମରା ତୋଷାମଦିଆ ବୁଦ୍ଧି ବଦଳରେ ସତ୍ୟ ଦର୍ଶନ କରି ଆପଣା ଆଚରଣକୁ ଶୁଦ୍ଧ କେବେକୁ କରିବା ? ଅଫିସ ବ୍ୟାପାର ବାହାରେ ଥିବା ବଡ଼ବାବୁଙ୍କ ଧର୍ମପତ୍ନୀଙ୍କଠାରୁ ଅଫିସ ସଭାରେ ମୁଖ୍ୟ ଅତିଥିଙ୍କ ଚଉକିରେ ବସାଇ କେତେଦିନ ଆଉ ଗାଇହୁରୁଡ଼ା କର୍କଶ ଗୀତ ଶୁଣିବା ? ?


–ମଙ୍ଗରାଜପୁର, ପୁରୀ
ମୋ:୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ପରମବୀର ଗାଥା

ଲେଖକ : ମନମୋହନ ପ୍ରଧାନ
ପ୍ରକାଶକ: ଶାଳନ୍ଦୀ ବୁକ୍ସ , ମୂଲ୍ୟ : ୨୫୦ ଟଙ୍କା


ମନମୋହନ ପ୍ରଧାନଙ୍କର ଲିଖିତ ପୁସ୍ତକ ''ପରମବୀର ଗାଥା'' ସବୁ ବର୍ଗର ପାଠକଙ୍କ ପାଇଁ ଏକ ଉପାଦେୟ ପୁସ୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ଅଛି ଦେଶମାତୃକାର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗେଇ ଦେଇଥିବା ବିଖ୍ୟାତ ଏକୋଇଶ ଜଣ ପରମବୀରଙ୍କ ସଂଘର୍ଷର କଥା ଓ ବିଜୟର ଗାଥା । ସୁରକ୍ଷା ସେବାରେ ନିୟୋଜିତ ପରମ ବୀରଙ୍କ ଅତୁଳନୀୟ ବୀରତ୍ୱ, ଅସୀମ ତ୍ୟାଗ ଓ ପରାକ୍ରମର କଥାକୁ ଲେଖକ ସହଜ ଓ ସରଳ ଭାବରେ ବଖାଣିଛନ୍ତି ବହିଟିରେ । ଲାଗିବ ଯେମିତି ସେଇଠି କୋଉଠି ଲେଖକ ଥିଲେ ପ୍ରତ୍ୟକ୍ଷଦର୍ଶୀ ହୋଇ । ଦେଶର ସର୍ବୋଚ୍ଚ ସାମରିକ ସମ୍ମାନ ଲାଭ କରିଥିବା ଏହି ସବୁ ବୀରଙ୍କ କାହାଣୀ ପଢ଼ିଲାବେଳେ ପାଠକଙ୍କ ଆଖିରେ ଲୁହ ଆସିଯିବ । ପଦ୍ମପାଣି ଆଚାର୍ଯ୍ୟ ହୁଅନ୍ତୁ କି ଅରୁଣ କ୍ଷେତ୍ରପାଳ ଅଥବା କ୍ୟାପଟେନ୍ ବିକ୍ରମ ବାତ୍ରା, ଭାରତବାସୀଙ୍କୁ ଏକ ସୁନ୍ଦର ସୁରକ୍ଷିତ ଜୀବନ ଦେବାପାଇଁ ସୀମାନ୍ତରେ କେତେ ନିଷ୍ଠା, କେତେ ଦେଶପ୍ରେମ, କେତେ ତ୍ୟାଗ କରିଛନ୍ତି ତାହା ଲେଖକ ସେମାନଙ୍କ ଜୀବନଚର୍ଯ୍ୟା ଓ ମାନସିକତାରେ ଦେଖେଇବାକୁ ପ୍ରୟାସ କରିଛନ୍ତି । ଓଡ଼ିଆ ଭାଷାରେ ପରାକ୍ରମୀ ବୀରଙ୍କ କାହାଣୀଙ୍କୁ ନିଜେ ଖୋଜି , ଜାଣି ଯେଉଁଭଳି ଲେଖକ ଜଣେଇବାକୁ ଚାହିଁଛନ୍ତି ପଢିଲେ ପାଠକ ନିରାଶ ହେବେନି ବରଂ ଦେଶ ପାଇଁ ଦାୟିତ୍ୱ ବୁଝିବେ ଓ ଶିଖିବେ ।




### କଥା ପ୍ରଜାପତି

ଲେଖିକା : ସ୍ନିଗ୍ଧା ସାହୁ
ପ୍ରକାଶକ : ଅଭିମାନ,ପୁରୀ ମୂଲ୍ୟ : ୧୮୫ ଟଙ୍କା

ସମକାଳୀନ କଥା ସାହିତ୍ୟରେ ସ୍ନିଗ୍ଧ ସ୍ୱର ରୂପେ ସୁପରିଚିତ ସ୍ନିଗ୍ଧା ସାହୁଙ୍କ ପ୍ରଥମ ଗଳ୍ପ ସଂକଳନ ''କଥା ପ୍ରଜାପତି'' ଅଭିମାନ ପ୍ରକାଶନୀ ଦ୍ୱାରା ଲୋକାର୍ପଣ ହୋଇଛି। ଆରମ୍ଭରୁ ଶେଷ ଯାଏ ସଂକଳିତ ହୋଇଥିବା ପଞ୍ଚତିରିଶିଟି କ୍ଷୁଦ୍ରଗପ ପାଠକଙ୍କ ମନକୁ ବାନ୍ଧି ରଖିଲା ଭଳି ହୋଇଛି । ସ୍ନିଗ୍ଧା ନିଜେ ଯେହେତୁ ଜଣେ ଚିତ୍ରଶିଳ୍ପୀ ତାଙ୍କ ହସ୍ତାଙ୍କିତ ଚିତ୍ର ଓ ଚିତ୍ରକୁ ନେଇ ତାଙ୍କ ଅନୁଭବର କଥା ରଙ୍ଗୀନ ଫର୍ଦ୍ଦରେ ସଂଯୋଜିତ ହୋଇ ପୁସ୍ତକଟିର ଶୋଭାବର୍ଦ୍ଧନ କରିବାରେ ସମର୍ଥ ହୋଇଛି । ଦୈନନ୍ଦିନ ଜୀବନରେ ଘଟୁଥିବା ସାମାଜିକ ଘଟଣା, ପାରିବାରିକ ସୁଖଦୁଃଖ, ଭକ୍ତିଭାବ ତଥା ଦାର୍ଶନିକତାରେ ବ୍ୟଞ୍ଜିତ ହୋଇଛି ପୁସ୍ତକଟିରେ ସ୍ଥାନ ପାଇଥିବା ଗପମାନଙ୍କରେ। ତାଙ୍କର ପ୍ରତ୍ୟେକଟି ଗଳ୍ପ ପଢୁଥିଲାବେଳେ ଏକ ଛଳଛଳ ଭାବାବେଗକୁ ଅନୁଭବି ହୁଏ । ପୁସ୍ତକର ପ୍ରତ୍ୟେକଟି ଗପ ସୁଖପାଠ୍ୟ । ତାଙ୍କ ଗପ ହିଁ ସୂଚାଏ ତାଙ୍କ ଭିତରେ ଜଣେ ସଫଳ କଥାକାର ହେବାର ପ୍ରୟାସ ରହିଛି। ପୁସ୍ତକଟି ପାଠକାଦୃତି ଲାଭ କରିବାର ଆଶା କରାଯାଏ ।




### ସେଇ ଝିଅ ଶିବାନୀ

ଲେଖକ: ବିଶ୍ୱନାଥ ମହାପାତ୍ର
ପ୍ରକାଶକ– ଶରତ ଚନ୍ଦ୍ର ବେହେରା
ରଞ୍ଜୁବାଳା ପ୍ରକାଶନୀ, ଦଶପଲ୍ଲା,
ମୂଲ୍ୟ– ୯୦ ଟଙ୍କା

ସେଇ ଝିଅଟି ଶିବାନୀ ବିଶ୍ୱନାଥ ମହାପାତ୍ରଙ୍କ ଉପନ୍ୟାସିକା। ଶିବାନୀ ରାଉତ ବାପା ଛେଉଣ୍ଡ ଓ ନ ଥିଲା ଘରର ଝିଅ । ସେ ଜନ୍ମ ହେବା ପୂର୍ବରୁ ବାପା ତାର ମରି ଯାଇଥିଲେ କର୍କଟ ରୋଗରେ । ଜମି କହିଲେ ଥିଲା ମାତ୍ର ମାଣେ । ସେଇଥିରୁ ଯାହା ଧାନ ହେଉଥିଲା ତାହା ଖାଇବା ଲାଗି ଅଣ୍ଟୁ ନ ଥିଲା । ମା' ଜେମାଦେଈ ପର ଘରେ ପାଇଟି କରୁଥିଲା । ଘଷି ପାରୁଥିଲା । ବଡି ପାମ୍ପଡ଼ ତିଆରି କରି ଦି' ପଇସା ପାଉଥିଲା । ସେଇ ରୋଜଗାରରେ ଝିଅ ଶିବାନୀକୁ ବଡ କଲା । ଗାଁ ସ୍କୁଲରେ ମାଟ୍ରିକ ଯାଏ ପାଠ ପଢାଇଲା । ହେଲେ କଲେଜ ପଢ଼ାଇବାକୁ ସମ୍ବଳ ନ ଥିଲା । କିନ୍ତୁ ଗରିବୀର ସୁଯୋଗ ନେଇ ମତଲବୀ ବଦାନ୍ୟ ବ୍ୟକ୍ତିଙ୍କ ହାତ ଲମ୍ବି ଆସୁଥିଲା । ମା' ଜେମାଦେଈ ସବୁ ବୁଝିପାରେ । ସେ ଚାହୁଁଥିଲା ଶିବାନୀ ତା ମା'ର ଝାଳବୁହା ଧନରେ ଆଗକୁ ଯିବ । କାହା ଦୟାରେ ସେ ଆଗକୁ ଯିବନି । କିନ୍ତୁ ସମୟକ୍ରମେ ମା'ଟି ଅବସ୍ଥା ଚକ୍ରରେ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଚକ୍ରବ୍ୟୁହରେ ଫସି ଯାଉଛି । ଏଭଳି କାହାଣୀକୁ ନେଇ ଉପନ୍ୟାସଟି ଆଗକୁ ବଢ଼ିଛି । ଯାହା ପାଠକକୁ ନିଶ୍ଚୟ ନିଆରା ଅନୁଭୂତି ଦେବ ବୋଲି ଆଶା ।



ବ୍ୟାକ୍ ପେଜ୍

# ସ୍ୱର୍ଗକୁ ଶିଢ଼ି

ସ୍ୱର୍ଗ କେଉଁଠି ଅଛି, କେହି ଜାଣି ନାହାନ୍ତି। ସ୍ୱର୍ଗକୁ କେହି ଦେଖି ବି ନାହାନ୍ତି। ହେଲେ ସମସ୍ତଙ୍କ ମନରେ ଲାଳସା ଥାଏ ସ୍ୱର୍ଗକୁ ଶିଢ଼ିଟିଏ ଥାଆନ୍ତା କି, ସେଠାକୁ ଯାଇ ହୁଅନ୍ତା। ସ୍ୱର୍ଗକୁ ଯିବାର ଲାଳସା ଯେଉଁମାନଙ୍କର ଅଛି ସେମାନଙ୍କ ପାଇଁ ଏକ ଭଲ ଖବର। ଚାଇନାରେ ତିଆରି କରାଯାଇଛି ସ୍ୱର୍ଗ ପାଇଁ ଶିଢ଼ି। କଥାଟି ବିଶ୍ୱାସ ହେଉ ନ ଥିବ। ହେଲେ



ଚାଇନାର ଝାଙ୍ଗଜିୟାଜୀରେ ସ୍ୱର୍ଗକୁ ଶିଢ଼ି ନିର୍ମାଣ ହୋଇଥିବା ସୋସିଆଲ ମିଡ଼ିଆରେ ଚର୍ଚ୍ଚା ହେଉଛି। ପ୍ରକୃତ କଥା ହେଲା ଚାଇନା, ଝାଙ୍ଗଜିୟାଜୀସ୍ଥ ତିୟାନମେନ ପର୍ବତରେ ଏହି ଶିଢ଼ି ଅଛି। ଯେଉଁଥିରେ ୯୯୯ଟି ଶିଡି ଅଛି। ଏହି ଶିଡିକୁ ଚଢି ଚଢି ଉପରେ ପହଞ୍ଚିବା ପରେ ପାହାଡ ମଝିରେ ଏକ ବଡ଼ ଗର୍ତ୍ତ ଭଳି ଦ୍ୱାର ଅଛି। ଏହି ଶିଡି ଓ ଶିଢ଼ି ଶେଷରେ ସୁଉଚ୍ଚ ପାହାଡ ଉପରେ ତିଆରି ସେଇ ଦ୍ୱାର ଦେଖିବାକୁ ବେଶ୍ ଚମତ୍କାର ଲାଗେ। ଠିକ୍ ସ୍ୱର୍ଗକୁ ଶିଡି ଭଳି ହିଁ ପ୍ରତୀୟମାନ ହୁଏ। ତୀଖ ପାହାଡରେ ତିଆରି ଏହି ଶିଡିଗୁଡ଼ିକୁ ଚଢିବା ଆଦୌ ସହଜ ନୁହେଁ। ତଥାପି ଲୋକେ ଏହାକୁ ସ୍ୱର୍ଗକୁ ଶିଡି ମନେ କରି ଚଢିବାକୁ ପଛାନ୍ତି ନାହିଁ। ଅନେକେ ମାନସିକ ରଖି ଏହି ଶିଢ଼ି ଚଢନ୍ତି। କେହି କେହି ତ ବିନା ଚପଲ ଓ ଜୋତାରେ ବି ଏହି ଶିଢ଼ି ଚଢନ୍ତି, ଯାହାକି ଗୁଡ୍ ଲକ୍ ଆଣେ ବୋଲି ଲୋକେ ବିଶ୍ୱାସ କରନ୍ତି।




# ଜୋକର୍ ମୋଟେଲ

ଆମେରିକା, ନବାଦା ରାଜ୍ୟର ଏକ ଛୋଟିଆ ସହର ହେଉଛି ଟୋନୋପା, ଯାହାକି ଏକ ମରୁଭୂମିର ଅଂଶ। ଏହି ସହରର ହାଇୱେରେ ଗଲାବେଳେ ରାସ୍ତାକଡ଼ରେ ଦେଖିବାକୁ ମିଳେ ଏକ ମୋଟେଲ୍। ଯାହାର ନାଁ 'ଦ କ୍ଲାଉନ୍' ମୋଟେଲ୍। ଉକ୍ତ ମୋଟେଲ୍‌ର ଖାସ୍ କଥା ହେଉଛି ଏହା ସମ୍ପୂର୍ଣ୍ଣଭାବେ କ୍ଲାଉନ୍ ବା ଜୋକର୍ ଥିମ୍‌ରେ ନିର୍ମିତ। ଏହାର ଭିତର ବାହାର ଯେଉଁଠି ଦେଖିବେ ଖାଲି ଜୋକର୍ ଆଉ ଜୋକର୍। ଏମିତିରେ ଅନେକେ ଡରନ୍ତି ଏଠାରେ ରହିବାକୁ। ଖାସ୍‌କରି ଯେଉଁମାନେ କ୍ଲରୋଫୋବିଆରେ ଆକ୍ରାନ୍ତ ଅର୍ଥାତ୍ ଯେଉଁମାନେ ଜୋକର୍‌କୁ ଡରନ୍ତି ସେମାନେ ଏଠାରେ ରହିପାରନ୍ତି ନାହିଁ। କାରଣ ମୋଟେଲ ବାହାରରୁ ହିଁ ଜୋକର୍ ଦେଖିବାକୁ ମିଳେ। ମୋଟେଲ୍ ବାହାରେ ଜୋକର୍‌ର ଏକ ବିରାଟକାୟ କଟ୍ ଆଉଟ୍ ଲାଗିଛି। କାନ୍ଥରେ ନାନା ପ୍ରକାରର ଜୋକର୍ ଛବି ସହ ଏଠାରେ ଜୋକର୍‌ର ପୋଷ୍ଟର, ମୂର୍ତ୍ତି, ସଫ୍ଟ ଟୟ ଅଛି। ମୋଟେଲରେ ଏକ ସଂଗ୍ରହାଳୟ ବି ଅଛି ଯେଉଁଠି ହଜାର ହଜାର ଜୋକର୍ ଅଛି। ଭିତରେ ଏକ ଗିଫ୍ଟ ଶପ୍ ଅଛି, ଯେଉଁଠାର ବିଭିନ୍ନ ପ୍ରକାରର ଜୋକର୍ କିଣିପାରିବେ। ଏଠାକାର କେଉଁ ରୁମ୍‌ରେ ଭୟଙ୍କର ଜୋକର୍ ଫିଲ୍ମର ଫଟୋ ଓ କଣ୍ଢେଇ ତ ଆଉ କେଉଁରୁମ୍‌ରେ କୌତୁକିଆ ଜୋକର୍‌ର ଫଟୋ ଲାଗିଥାଏ। ଅନେକେ ଏହି ମୋଟେଲ୍‌କୁ ହଣ୍ଟେଡ ବୋଲି କୁହନ୍ତି। କାରଣ କେହି କେହି କୁହନ୍ତି ଏଠାରେ କାନ୍ଥକୁ ରାମ୍ପୁଡିବା ଭଳି ଓ ପିଲା କାନ୍ଦିବା ଭଳି ଶବ୍ଦ ଶୁଭିଥାଏ। ଆଉ ଏକ କଥା ହେଉଛି ମୋଟେଲ୍ ପାଖରେ ଅଛି ଏକ ଶ୍ମଶାନ, ଯାହାକି ୧୯୦୧ ମସିହାର ବୋଲି କୁହାଯାଉଛି। ଯେଉଁଥିପାଇଁ ଲୋକେ ଏହି ମୋଟେଲ୍‌କୁ ଅଧିକ ହଣ୍ଟେଡ ବୋଲି ମନେ କରୁଛନ୍ତି।







# ଡ୍ରେନ୍ ନା ଆକ୍ୱାରିୟମ୍ !

ଜାପାନ କେବଳ ଯେ, ଏହାର ଉନ୍ନତ ଟେକ୍ନୋଲୋଜି ପାଇଁ ପରିଚିତ ତା' ନୁହେଁ, ଏହା ତା'ର ପରିଷ୍କାର ପରିଚ୍ଛନ୍ନତା ପାଇଁ ବି ସାରା ପୃଥିବୀରେ ପରିଚିତ। ଜାପାନର ପରିମଳ ତା'ର ଡ୍ରେନ୍ ପାଣିକୁ ଦେଖିଲେ ଆପେ ବାରି ହୋଇଯାଏ। ଏଠାକାର ଡ୍ରେନ୍ ପାଣି ଆମ ଘରର ପିଇବା ପାଣିଠାରୁ ବି ସଫା। କେବଳ ସେତିକି ନୁହେଁ କାଚକେନ୍ଦୁ ପରି ଏଇ ଡ୍ରେନ୍ ପାଣିରେ ପହଁରନ୍ତି ଆକ୍ୱାରିୟମ୍‌ରେ ରଖାଯାଉଥିବା ରଙ୍ଗିନ କୋଇ କାର୍ପ ମାଛ । ଏହି ଡ୍ରେନ୍ ପାଣିକୁ ଦେଖିଲେ ବିଶ୍ୱାସ କରି ହୁଏନା, ସତରେ କ'ଣ ଡ୍ରେନ ପାଣି ଏତେ ସଫା ହୋଇପାରେ ? ଖାସ୍‌କରି ନାଗାସାକିସ୍ଥ ଶିମାବାରା ଶହରର ନାଳ ପାଣି ଏମିତି କାଚକେନ୍ଦୁ ପରି। ଏହି ପାଣି ଏତେ ସଫା ଯେ, ନାଳର ତଳଭାଗ ଓ ପହଁରୁଥିବା ରଙ୍ଗିନ ମାଛ ଜଳଜଳ ହୋଇ ସ୍ୱଷ୍ଟ ଦେଖାଯାଆନ୍ତି, ଯାହାକି ବେଶ୍ ମନୋରମ ଲାଗେ। ତେବେ ପ୍ରକୃତ କଥା ହେଲା–ନାଳଗୁଡ଼ିକ ସାମାନ୍ୟ ସିୱେର ସିଷ୍ଟମ ନୁହେଁ, ବରଂ ଓପନ ଡ୍ରେନେଜ ଚ୍ୟାନେଲ ଅଟେ। ଯେଉଁଥିରେ ବର୍ଷାପାଣି ଓ ଝରଣା ପାଣି ପ୍ରବାହିତ ହୋଇଥାଏ। ଜାପାନର ଉଚ୍ଚମାନର ୱେଷ୍ଟ ମ୍ୟାନେଜମେଣ୍ଟ ପଲିସି, କମ୍ୟୁନିଟି କ୍ଲିନିଂ ଓ ନିୟମିତ ମେଣ୍ଟେନେନ୍ସ ଯୋଗୁ ଏଠାକାର ନାଳ ପାଣି ଏତେ ସଫା ରହେ। ଶିମାବାରା ବ୍ୟତିତ ସୁବାନୋ, ତାକାୟାମା ଓ ହିସାୟାମା ଭଳି ଅଞ୍ଚଳରେ ବି ଏମିତି ସଫା ଜଳ ପ୍ରବାହିତ ହେଉଥିବା ନାଳ ଅଛି। ଏଠାକାର ସ୍ଥାନୀୟ ବାସିନ୍ଦା ବି ନିଜେ ନାଳ ସଫା କରନ୍ତି, ଯେମିତିକି ରଙ୍ଗିନ ସୁନ୍ଦର ମାଛ ସବୁ ରହିପାରିବେ।